ଆଜି - ସୋମବାର
ତାରିଖ - ୨୭ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୧୧
ତିଥି - ତ୍ରୟୋଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମୂଳା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୪ : ୦୦
ସୂର୍ଯ୍ୟାସ୍ତ - ୬ : ୨୨: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି



E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 104 R.N.I. REGD. No. 44026/86 ବାଲେଶ୍ୱର ୨୭ ଜୁଲାଇ ୨୦୨୬ ସୋମବାର BALASORE 27 JULY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




## ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ

ପୁରୀ : ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ତିଥିରେ ରଥାରୁଢ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଧରଚୁମ୍ବୀ ତୁମ୍ବାକୃତି ମାଟିହାଣ୍ଡିରେ ଅଧରପଣା ପୂଜା ନୀତି ସମ୍ପନ୍ନ ହୋଇଛି । ପୂଜା ପରେ ପ୍ରତି ରଥର ତିନୋଟି ଲେଖାଏଁ ପୂର୍ଣ୍ଣ ପଣାହାଣ୍ଡିକୁ ସେବକ ମାନେ ଭାଙ୍ଗି ଦେଇଥିଲେ । ଅଧରରୁ ନିର୍ଗତ ଏହି ଅଧରପଣାକୁ ରଥ ସୁରକ୍ଷାରେ ଥିବା ପାର୍ଶ୍ୱ ଦେବାଦେବୀ ଓ ଅଶରୀରମାନେ ପଣା ପାଇ ପ୍ରୀତ ହୋଇଥିଲେ । ଗତକାଲି ଶନିବାର ସୁନାବେଶ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା । ମହାପ୍ରଭୁଙ୍କ ପହୁଡ ନୀତି ରବିବାର ସକାଳ ୫ଟା୫୦ରେ ହୋଇଥିଲା । ସକାଳ ୮ଟା୩୫ରେ ମଙ୍ଗଳଆଳତି ପରେ ପରେ ତିନିରଥରେ ମଇଲମ ଓ ତଡପଲାଗି ୯ଟା ୫୦ରେ ଅବକାଶ ନୀତି ଶେଷ ହୋଇଥିଲା । ୧୦ଟା ୨୦ରେ ବେଶ ଶେଷ, ୧୦ଟା ୪୫ ଗୋପାଳବଲ୍ଲଭ ହୋଇ ୧ଟା୫୦ରେ ସକାଳଧୂପ ହୋଇଥିଲା । ୨ଟା ୨୦ରେ ମଇଲମ, ୨ଟା୪୦ରେ ମହାସ୍ନାନ, ଅପରାହ୍ନ ୩ଟାରେ ସର୍ବାଙ୍ଗ ହୋଇ ୩ଟା୨୫ରେ ବେଶ ଶେଷ ହୋଇଥିଲା । ୩ଟା୩୦ରୁ ୪ଟା ୫ରେ ତିନିରଥରେ ମଧ୍ୟାହ୍ନ ଧୂପ ନୀତି ଶେଷ ହେବାପରେ ଅଧରପଣା ନୀତି ଆରମ୍ଭ ହୋଇଥିଲା । କୁମ୍ଭକାରଙ୍କ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଶ୍ରୀବିଗ୍ରହଙ୍କ ଅଧର ସ୍ପର୍ଶ କରୁଥିବା ତୁମ୍ବାକାର ମାଟିହାଣ୍ଡି ତିନିରଥରେ ତିନୋଟି ଲେଖାଏଁ ୯ଟି ରଖାଯାଇଥିଲା । ପାଣିଆପଟ ସେବକମାନେ ତିନିରଥରେ ପିତଳ ହଣ୍ଡା ରଖି ସିଂହଦ୍ୱାର ଛାଉଣୀ ମଠ କୁଅରୁ ପାଣି ଆଣି ରଖିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ରାଘବ ଦାସ ମଠ ଓ ଓଡ଼ିଆ ମଠ ପଣା ପ୍ରସ୍ତୁତି ସାମଗ୍ରୀ ଯୋଗାଇ ଦେଇଥିଲେ । ଛେନା, କଦଳୀ, ସର, ଛାଟି, କର୍ପୂର, ଜାଇଫଳ, ଗୋଲମରିଚ ଗୁଣ୍ଡ ପକାଯାଇ ପଣା ପ୍ରସ୍ତୁତ ହୋଇଥିଲା । ହଣ୍ଡାରେ ପଣା ପ୍ରସ୍ତୁତ କରି ପ୍ରତି ରଥରେ ରଖାଯାଇଥିବା ତିନୋଟି ଅଧରହାଣ୍ଡିରେ ପୂର୍ଣ୍ଣ କରାଯାଇଥିଲା । ପରେ ମହାସୁଆର ମାନଙ୍କ ଉପସ୍ଥିତିରେ ଭିତରଛ, ତଳୁଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ସମ୍ମୁଖରେ ଖଣ୍ଡେ ନୂଆ ଗାମୁଛା ଟେରା ବାନ୍ଧି ଥିଲେ । ଅଧରପଣା ହାଣ୍ଡି ଉପରେ ମଧ ଖଣ୍ଡେ ଲେଖାଏଁ ଧଳାକରିଆ ଘୋଡାଇ ଦିଆଯାଇଥିଲା ।

## ମନ କି ବାତ୍‌ର ୧୩୬ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ନୂଆଦିଲ୍ଲୀ : ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । ଆମ ଜୀବନରେ ଏହିପରି କିଛି ତାରିଖ ଥାଏ ଯାହାକୁ ମନେରଖିବା ପାଇଁ କ୍ୟାଲେଣ୍ଡର ଦେଖିବାର ଆବଶ୍ୟକତା ନ ଥାଏ । ଆଜି, ଜୁଲାଇ ୨୬ ସେହିଭଳି ଗୋଟିଏ ତାରିଖ । ଆଜି ହେଉଛି 'କାରଗିଲ ବିଜୟ ଦିବସ' । ଏହି ଦିନଟି ଆମକୁ ଗର୍ବରେ ପରିପୂର୍ଣ୍ଣ କରିଦେଇଥାଏ । ଏହି ଦିନଟି ଆମକୁ ଆମର ବୀର ଯବାନମାନଙ୍କ ଅଦମ୍ୟ ସାହସକୁ ସ୍ମରଣ କରାଇଦିଏ । କାରଗିଲର ସୁଉଚ୍ଚ ଶିଖରଗୁଡ଼ିକ, ପ୍ରତିକୂଳ ପାଗ, ଶତ୍ରୁର ଆହ୍ୱାନ, ପ୍ରତ୍ୟେକ ପରିସ୍ଥିତି ଆମ ସୈନିକମାନଙ୍କ ଆଗରେ ଥିଲା, କିନ୍ତୁ ସେମାନଙ୍କ ସାହସ ପ୍ରତ୍ୟେକ ଆହ୍ୱାନଠାରୁ ଅଧିକ ଥିଲ । ସେମାନେ ଭାରତମାତାର ସୁରକ୍ଷା ପାଇଁ ନିଜର ସର୍ବସ୍ୱ ଅର୍ପିତ କରିଦେଲେ । ଆଜି କାରଗିଲ୍ ବିଜୟ ଦିବସ ଅବସରରେ ମୁଁ ସମସ୍ତ ବୀର ଶହୀଦ ଏବଂ ବୀର ସୈନିକମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରଣାମ କରୁଛି । ବନ୍ଧୁଗଣ, ଆଜିର ଭାରତ କେବଳ ନିଜ ବୀରମାନଙ୍କୁ ସ୍ମରଣ କରେ, ତାହାନୁହେଁ ବରଂ ନୂତନ ପିଢ଼ିକୁ ସେମାନଙ୍କ କାହାଣୀ ମଧ କହିଥାଏ । ଏହି ଭାବନାକୁ ନେଇ ଚଳିତ ବର୍ଷ ଗୋଟିଏ ବିଶେଷ 'ଶୌର୍ଯ୍ୟ ବିଜୟ ଯାତ୍ରା' ଆରମ୍ଭ କରାଯାଇଛି । ୧୪ ଜୁଲାଇରୁ ଦିଲ୍ଲୀର 'ଜାତୀୟ ଯୁଦ୍ଧ ସ୍ମାରକୀ'ଠାରୁ ଆରମ୍ଭ ହୋଇଥିବା



ଏହି ମୋଟରସାଇକେଲ ଯାତ୍ରା ଦ୍ରାସ୍ର କାରଗିଲ ୱାର ମେମୋରିଆଲ ପର୍ଯ୍ୟନ୍ତ ଯିବ । ଏହାର ବାର୍ତ୍ତା ହେଉଛି – "ଗୋଟିଏ ରାଇଡ୍, ଗୋଟିଏ ଜାତି, ଗୋଟିଏ ସାଲ୍ୟୁଟ୍" । ଏହି ଯାତ୍ରା ଆମକୁ ମନେପକାଇଦିଏ ଯେ ରାଷ୍ଟ୍ର ପାଇଁ ଦିଆଯାଇଥିବା ବଳିଦାନକୁ କେବେହେଲେ ପାଶୋରି ଦେଇହେବ ନାହିଁ । ବନ୍ଧୁଗଣ, ଆଜି ଭାରତ ନିଜ ସୈନିକମାନଙ୍କ ସାହସ ସହ ନିଜର ବୈଷୟିକ କ୍ଷମତାକୁ ମଧ ଲଗାତର ଭାବେ ସୁଦୃଢ଼ କରିଚାଲିଛି । କିଛିଦିନ ପୂର୍ବରୁ ଭାରତୀୟ ନୌବାହିନୀରେ ଆଇଏନ୍ଏସ୍ ମହେନ୍ଦ୍ରଗିରିକୁ ସାମିଲ କରାଗଲା । ଏହି ଆଧୁନିକ ଯୁଦ୍ଧ ଜାହାଜର ଡିଜାଇନ୍ ଏବଂ ନିର୍ମାଣ ଭାରତରେ ହିଁ କରାଯାଇଛି । ଏଥିରେ ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହୃତ ହୋଇଛି । ଏହା ଆତ୍ମନିର୍ଭର ଭାରତର ବୃଦ୍ଧି ପାଉଥିବା ଶକ୍ତିର ପ୍ରତୀକ । ଚଳିତ ମାସ ଡିଆରଡିଓ, ସବୁଠାରୁ ଦୂରଗାମୀ ଗାଇଡେଡ୍ ରକେଟର ମଧ ସଫଳ ପରୀକ୍ଷଣ କରିଛି । ଏହି ସଫଳତା ପଛରେ ଆମର ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କ ମିଳିତ ପରିଶ୍ରମ ରହିଛି । ମାତ୍ର ଦୁଇ-ତିନି ଦିନ ପୂର୍ବେ ଡିଆରଡିଓ କୁଶା ମିଜାଇଲର ମଧ ସଫଳ ପରୀକ୍ଷଣ କରିଛି । ବନ୍ଧୁଗଣ, ଆଜି ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ହେଉ, ସୁରକ୍ଷା ସାମଗ୍ରୀ ରପ୍ତାନୀ ହେଉ କିମ୍ବା ମିତ୍ର ଦେଶମାନଙ୍କ ସହ ରାଜନୈତିକ ସହଯୋଗ ହେଉ – ଭାରତ କ୍ରମାଗତ ଭାବେ ନୂତନ ଶିଖର ଆଡ଼କୁ ମାଡ଼ିଚାଲିଛି । ଚଳିତ ମାସ ଆରମ୍ଭରେ, ମୁଁ, ଇଣ୍ଡୋନେସିଆରେ ଥିଲି, ଯେଉଁଠାରେ ବ୍ରହ୍ମୋସ ଏବଂ ଅସ୍ତ୍ର ମିଜାଇଲ ପାଇଁ ଗୋଟିଏ ବଡ଼ ଚୁକ୍ତି ସ୍ୱାକ୍ଷରିତ ହେଲା । ଭାରତର ପ୍ରତିରକ୍ଷା ଉପକରଣ ଏବଂ ଜ୍ଞାନକୌଶଳ ଉପରେ ବିଶ୍ୱର ଭରସା ବଢ଼ିଚାଲିଛି । ଆସନ୍ତୁ, ଏହି 'କାରଗିଲ ବିଜୟ ଦିବସ' ଅବସରରେ ଆମେ ଆମର ଅମର ଶହୀଦମାନଙ୍କୁ ପ୍ରଣାମ କରିବା ଏବଂ ଏକ ସୁରକ୍ଷିତ, ସକ୍ଷମ ଓ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ନିଜର ସଂକଳ୍ପକୁ ଆହୁରି ସୁଦୃଢ଼ କରିବା । ମୋର ପ୍ରିୟ ଦେଶବାସୀଗଣ, 'ମନ୍ କି ବାତ୍'ର ବିଗତ ଅଧ୍ୟାୟରେ ମୁଁ ଆପଣମାନଙ୍କ ସହ 'କ୍ୟାଚ୍ ଦି ରେନ୍' ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲି । ବର୍ଷାଜଳର ପ୍ରତିଟି ଟୋପାକୁ ସଂରକ୍ଷିତ କରିବାର ଏହି ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ମୁଁ ନିବେଦନ କରିଥିଲି । 'କ୍ୟାଚ୍ ଦି ରେନ୍'ର ବାର୍ତ୍ତା ଅତି ସରଳ – ଯେଉଁଠାରେ ଏବଂ ଯେତେବେଳେ ବି ବର୍ଷା ହେଉ, ଜଳକୁ ସେହିଠାରେ ହିଁ ସଂରକ୍ଷିତ କରନ୍ତୁ । ସେଥିପାଇଁ ଜୁଲାଇ ୪ ତାରିଖରୁ ସାରା ଦେଶରେ ଏକ ବିଶେଷ ଅଭିଯାନ ଜାରି ରହିଛି । ଏହା ଅନ୍ତର୍ଗତ ବର୍ଷାଜଳ ଅମଳ, ଭୂତଳ ଜଳ ପୁନଃଚାର୍ଜ, ପୁରାତନ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ବୃକ୍ଷରୋପଣକୁ ନୂତନ ଗତି ପ୍ରଦାନ କରାଯାଉଛି ।

## କାର୍ଗିଲ ବିଜୟ ଦିବସ ଅବସରରେ ବୀରଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର: କାର୍ଗିଲ ବିଜୟ ଦିବସରେ, ସମଗ୍ର ଦେଶ ଭାରତୀୟ ସେନାର ସୈନିକଙ୍କ ବୀରତ୍ୱ ଏବଂ ସାହସକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି, କାର୍ଗିଲ ବିଜୟ ଦିବସ କେବଳ ଏକ ବିଜୟର ସ୍ମୃତି ନୁହେଁ, ଏହା ଭାରତୀୟ ସେନାର ଅଦମ୍ୟ ସାହସ, ଅତୁଳନୀୟ ପରାକ୍ରମ ଓ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ପ୍ରତୀକ । ଏହି ଗୌରବମୟ ଅବସରରେ କାର୍ଗିଲ ଯୁଦ୍ଧର ସମସ୍ତ ବୀର ସହିଦଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଓ ସାହସୀ ବୀର ଯବାନମାନଙ୍କୁ ଶତ ଶତ ନମନ । ଏଣେ ରବିବାର ୨୭ତମ କାର୍ଗିଲ ବିଜୟ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୀର ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । କାର୍ଗିଲ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ



ପ୍ଲାଟଫର୍ମରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସ ଅବସରରେ, ମୁଁ ମାତୃଭୂମିକୁ ରକ୍ଷା କରିବା ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ବୀର ଯୋଦ୍ଧାମାନଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି । ସେମାନଙ୍କର ଅତୁଳନୀୟ ବୀରତ୍ୱ, ଅଟଳ ସଂକଳ୍ପ ଏବଂ ଅତୁଳନୀୟ ଦେଶପ୍ରେମ ଆମ ସେନାର ଗୌରବମୟ ପରମ୍ପରାର ଅନୁକରଣୀୟ ଉଦାହରଣ । ଦେଶ ସର୍ବଦା ସେମାନଙ୍କ ନିକଟରେ ଋଣୀ ରହିବ । ସେହି ସାହସୀ ଯୋଦ୍ଧାମାନଙ୍କ ବୀରତ୍ୱର ଗାଥା ନୂଆ ପିଢ଼ିଙ୍କୁ ଜାତୀୟ ସେବା ଏବଂ କର୍ତ୍ତବ୍ୟ ନିଷ୍ଠାର ପଥ ଅନୁସରଣ କରିବାକୁ ପ୍ରେରଣା ଦେଇ ଚାଲିବ । ସମାନଙ୍କର ବୀରତ୍ୱ ସର୍ବଦା ଜାତୀୟ ଗର୍ବର ଉତ୍ସ ହୋଇ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଗିଲ ଦିବସରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସରେ , ଆମର ଦେଶ ଆମର ସାହସୀ ସୈନିକମାନଙ୍କୁ ସେମାନଙ୍କର ଅସାଧାରଣ ସାହସ ଏବଂ ଭାରତର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଉଛି । ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ ସେମାନଙ୍କର ବୀରତ୍ୱ ସର୍ବଦା ଜାତୀୟ ଗର୍ବର ଉତ୍ସ ହୋଇ ରହିବ । ସେମାନଙ୍କର ଅଟଳ ଦେଶପ୍ରେମ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପିଢ଼ିଙ୍କୁ ପ୍ରେରଣା ଦେଇ ଚାଲିବ ।

## ୨୭ତମ କାର୍ଗିଲ ବିଜୟ ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କଲେ ପ୍ରତିରକ୍ଷା ମନ୍ତ୍ରୀ

ଦ୍ରାସ : ରବିବାର ଦିନ ୨୭ତମ କାର୍ଗିଲ ବିଜୟ ଦିବସ ଅବସରରେ ଦ୍ରାସରୁ ଦେଶକୁ ସମ୍ବୋଧିତ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ । ସେ ଦୋହରାଇଛନ୍ତି ଯେ ଅପରେସନ ସିନ୍ଦୁର ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପର ଜବାବ ଦେବା ପାଇଁ ଭାରତର ଉଦ୍ଦେଶ୍ୟ ଏବଂ ସାମର୍ଥ୍ୟକୁ ଦର୍ଶାଉଛି । ସେ କହିଛନ୍ତି ଯେ ପାକିସ୍ତାନ ସହିତ ଯେକୌଣସି ଆଲୋଚନା କେବଳ ପିଓକେ ଉପରେ ଧ୍ୟାନ ଦେବ । ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତ ପ୍ରଗତି ସପକ୍ଷରେ ଥିବାବେଳେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି । ସେ ଏହା ଉପରେ ମଧ ଗୁରୁତ୍ୱାରୋପ କରିଛନ୍ତି ଯେ 'ୟେ ଦିଲ୍ ମାଙ୍ଗେ ମୋରେ 'ର ଭାବନା ଏବେ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ୨୦୪୭ ମସିହାରେ ଏକ ବିକଶିତ ଭାରତର ପରିକଳ୍ପନା ଦିଗରେ ଭାରତର ପଦକ୍ଷେପକୁ ଆଗେଇ ନେଉଛି । କାର୍ଗିଲ ବିଜୟ ଦିବସ ସମାରୋହକୁ ସମ୍ବୋଧିତ କରି ସେ କହିଛନ୍ତି ଯେ



ଭାରତର ସାର୍ବଭୌମତ୍ୱ ବିରୁଦ୍ଧରେ ପ୍ରତ୍ୟେକ ନିନ୍ଦନୀୟ କାର୍ଯ୍ୟର ଜବାବ ସେହି ଦୃଢ଼ତାର ସହ ଦିଆଯିବ ଯାହା ସହିତ ଭାରତୀୟ ପ୍ରତିରକ୍ଷା ବାହିନୀ ଅପରେସନ୍ ସିନ୍ଦୁର ମାଧମରେ ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକମାନଙ୍କୁ ଅତୁଳନୀୟ ବୀରତ୍ୱ ସହିତ ଜବାବ ଦେଇଥିଲେ । ପାକିସ୍ତାନରେ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଲିଭାଇ ଦିଆଯାଇଛି, କାରଣ ପାକିସ୍ତାନ ଆତଙ୍କବାଦକୁ ନିଜର ରାଷ୍ଟ୍ରୀୟ ନୀତିର ଅଂଶବିଶେଷ କରିଛି ବୋଲି ଶ୍ରୀ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ଯେ ପାକିସ୍ତାନ ସେନା କେବଳ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଆଶ୍ରୟ ଦେଉନାହିଁ, ବରଂ ସେମାନଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରୁଛି । ସେଥିପାଇଁ, ଅପରେସନ ସିନ୍ଦୁର ସମୟରେ, ଆମେ ସ୍ପଷ୍ଟ କରି ଦେଇଥିଲୁ ଯେ ଭାରତ ଆଉ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ସରକାରମାନଙ୍କୁ ଅଲଗା ସଂସ୍ଥା ଭାବରେ ଦେଖୁନାହିଁ । ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ ରବିବାର ଦିନ ୧୯୯୯ କାରଗିଲ ଯୁଦ୍ଧର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି ଯେ ସେମାନଙ୍କ ସର୍ବୋଚ୍ଚ ବଳିଦାନ ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇବ ଏବଂ ଭାରତୀୟ ସେନାର ଯୋଦ୍ଧାମାନେ ବିଶ୍ୱର ଅନ୍ୟ କୌଣସି ସୈନିକଙ୍କ ତୁଳନାରେ ବହୁତ ଭଲ ଏବଂ ଅତୁଳନୀୟ । ଦ୍ରାସର କାର୍ଗିଲ ଯୁଦ୍ଧ ସ୍ମାରକୀରେ ବିଜୟ ଦିବସ ସମାରୋହକୁ ସମ୍ବୋଧିତ କରି ଜେନେରାଲ ସେଠ କହିଛନ୍ତି ଯେ ସ୍ମାରକୀ ପରିଦର୍ଶନ ତାଙ୍କୁ ଏକ ନୂତନ ଶକ୍ତି ଏବଂ ଅପାର ଗର୍ବର ଭାବନା ଦେଇଛି ।

### ଅଳ୍ପରେ ଖବର

▸▸ ଦିଲ୍ଲୀ ମେଟ୍ରୋ ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିଛି । ଦିଲ୍ଲୀ ମେଟ୍ରୋ ରେଳ ନିଗମ ରବିବାର ତାର ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛି ଯେ ସମସ୍ତ ଦିଲ୍ଲୀ ମେଟ୍ରୋ ଷ୍ଟେସନ ଯାତ୍ରୀ ସେବା ପାଇଁ ଖୋଲା ଅଛି ।

▸▸ ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିଅନଶିପ୍‌ରେ ଟାଇଟେଲ ଜିତି ଇତିହାସ ସୃଷ୍ଟି କରିଥିବା ଭାରତୀୟ ସ୍କ୍ୱାଶ୍ ଖେଳାଳି ଅନାହତ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

## ନୂଆ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ପ୍ରହଲ୍ଲାଦ ଯୋଶୀ

ନୂଆଦିଲ୍ଲୀ : ବହୁଚର୍ଚ୍ଚିତ 'ନିଟ୍' ପ୍ରଶ୍ନପତ୍ର ଲିକ୍ ମାମଲା ଏବଂ ଦେଶବ୍ୟାପୀ ତୀବ୍ର ଛାତ୍ର ଅସନ୍ତୋଷ ଶେଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ଆଣିଛି ଏକ ବଡ଼ ଧରଣର ପରିବର୍ତ୍ତନ । ଦୀର୍ଘ ଦିନ ଧରି ଲାଗି ରହିଥିବା ବିକ୍ଷୋଭ ଏବଂ ବିରୋଧୀଙ୍କ ଲଗାତାର ଚାପ ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଓଡ଼ିଶାର ହେଭିୱେଟ୍ ନେତା ଧର୍ମେନ୍ଦ୍ର ପ୍ରଧାନ । ତାଙ୍କ ଇସ୍ତଫା ପରେ ଖାଲି ପଡ଼ିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଙ୍ଗ ଏବେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ହାତରେ ଅର୍ପଣ କରାଯାଇଛି । ରବିବାର ଦିନ ଯୋଶୀ ନୂଆ ଶିକ୍ଷା ମନ୍ତ୍ରୀ ଭାବେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସମ୍ବିଧାନର ଧାରା ୭୫(୨) ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସନ୍ଧ୍ୟାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଥିଲେ । ଏହା ସହିତ ପ୍ରହଲ୍ଲାଦ ଯୋଶୀଙ୍କୁ ଶିକ୍ଷା



ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଯେ, ପ୍ରହ୍ଲାଦ ଯୋଶୀ ବର୍ତ୍ତମାନ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ଏବଂ ନବୀକରଣଯୋଗ୍ୟ ଶକ୍ତି ବିଭାଗର ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ଏହି ସବୁ ଦାୟିତ୍ୱ ସହ ସେ ଏବେ ଶିକ୍ଷା ବିଭାଗ ଭଳି ଏକ ଚ୍ୟାଲେଞ୍ଜିଂ ମନ୍ତ୍ରଣାଳୟକୁ ମଧ ତୁଲାଇବେ । ପ୍ରଶ୍ନପତ୍ର ଫାସ ଓ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ପରିଚାଳନାଗତ ତ୍ରୁଟିକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ର ସଂଗଠନଗୁଡ଼ିକ ୩୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ଦେଶବିରୋଧୀ ଶକ୍ତିମାନେ ଏହି ସମ୍ବେଦନଶୀଳ ସ୍ଥିତିର ଫାଇଦା ଯେପରି ନଉଠାନ୍ତି, ତାହାକୁ ଏଡ଼ାଇବା ପାଇଁ ଧର୍ମେନ୍ଦ୍ର ପ୍ରଧାନ ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଥିବା ସ୍ପଷ୍ଟ କରିଥିଲେ । ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରହଲ୍ଲାଦ ଯୋଶୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ଏକ ବଡ଼ ଦାୟିତ୍ୱବୋଧ ଏବଂ ନମ୍ରତାର ସହ ସେ ଏହି ପଦବୀକୁ ଗ୍ରହଣ କରୁଛନ୍ତି । ଗତ କିଛି ବର୍ଷ ଧରି ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଯେଉଁ ମୂଳଦୁଆ ପକାଇଛନ୍ତି, ତାହାକୁ ସେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଷ୍ଠାର ସହ ଆଗକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବର୍ତ୍ତମାନ ସମୟରେ ଘଞ୍ଚଇରେ ବ୍ୟାପକ ସଂସ୍କାର ଆଣିବା, ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିଖୁଣ କରିବା, ନୂଆ ପରୀକ୍ଷା ଢାଂଚା ପ୍ରସ୍ତୁତ କରିବା ଏବଂ ଚାଲିଥିବା ସଂସଦ ଅଧିବେଶନରେ ବିରୋଧୀଙ୍କ ତୀକ୍ଷ୍ଣ ପ୍ରଶ୍ନର ସାମ୍ନା କରିବା ପ୍ରହଲ୍ଲାଦ ଯୋଶୀଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ ।

## ଲଘୁଚାପ ପ୍ରଭାବରେ ଅଶାନ୍ତ ସମୁଦ୍ର : ମତ୍ସ୍ୟଜୀବୀଙ୍କ ପାଇଁ ଲାଗିଲା କଟକଣା



ଭୁବନେଶ୍ୱର : ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଆଉ ଏକ ଲଘୁଚାପ । ଯାହାର ପ୍ରଭାବ ଏବେଠୁ ପଡ଼ିବା ଆରମ୍ଭ ହେଲାଣି । ଗତକାଲି ଠାରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଗଲାଣି । ସମୁଦ୍ର ଅଶାନ୍ତ ହୋଇଥିବାରୁ ମତ୍ସ୍ୟଜୀବୀଙ୍କୁ ୩୧ ତାରଖ ଯାଏଁ ସମୁଦ୍ରକୁ ଯିବାକୁ ମତ୍ସ୍ୟ ବିଭାଗ ବାରଣ କରିଛି । ପ୍ରାୟ ଏକ ମାସ ହେଲାଣି ଏହି ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି । କାରଣ ବଙ୍ଗେପସାଗରରେ ଗୋଟିଏ ପରେ ଗୋଟିଏ ଲଘୁଚାପ ସୃଷ୍ଟି ହେଉଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ କଟକଣା ଲଗାଉଛି ମତ୍ସ୍ୟ ବିଭାଗ । ପ୍ରତି ଦିନ ସମୁଦ୍ରରେ ମାଛ ଧରି ନିଜ ଜୀବିକା ନିର୍ବାହ କରୁଥିବା ଅସ୍ତରଙ୍ଗ ମତ୍ସଜୀବୀ ଲଘୁଚାପ ପାଇଁ ବେପାର ଠପ୍ ହୋଇଛି । ଯଦି ଏପରି ବର୍ଷା ଲାଗି ରୁହେ, ତେବେ ମତ୍ସ୍ୟଜୀବୀ କିପରି ପେଟପାଟଣା କରିବେ ବୋଲି ଚିନ୍ତା ପ୍ରକଟ କରିଛନ୍ତି । ସେପଟେ ପାଣିପାଗ ବିଭାଗର ପୂର୍ବାନୁମାନ ମତ୍ସ୍ୟଜୀବୀଙ୍କ ଉପରେ ଦାଉ ସାଧୁଛି । କାରଣ ଉତର ପଶ୍ଚିମ ବଙ୍ଗୋପସାଗରର ତତ୍‌ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତର ଓଡ଼ିଶା ଉପକୂଳରେ ଲଘୁଚାପ ସକ୍ରିୟ ରହିଛି । ଏହା ପ୍ରଭାବରେ ଆଗାମୀ ୪୮ ଘଂଟା ଯାଏ ଭୀଷଣ ବର୍ଷା ସମ୍ଭାବନା ଥିବା ବେଳେ ୪ ଦିନ ଯାଏଁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି ।




# ବୃଦ୍ଧାଶ୍ରମରେ 'ମୋ ଭାରତ ବୀର ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର(ନିପ୍ର): ଆମ ପରମ୍ପରା ଟ୍ରଷ୍ଟ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ଅବସରରେ ବାଲିଆ କୁକୁଡାପଦାସ୍ଥିତ ଉତ୍ସର୍ଗ ବୃଦ୍ଧାଶ୍ରମ ପରିସରରେ 'ମୋ ଭାରତ ବୀର ଭାରତ' କାର୍ଯ୍ୟକ୍ରମ ଶ୍ରଦ୍ଧା ଓ ଦେଶପ୍ରେମର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି ବିକର୍ତନ ନାୟକଙ୍କ ସଭାପତିତ୍ୱରେ ଭାରତ ମାତା ଓ କାର୍ଗିଲ୍ ବୀର ସହିଦମାନଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ସହ କ୍ୟାଣ୍ଡେଲ୍ ପ୍ରଜ୍ୱଳନ କରି ଶହୀଦ ଯବାନମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ଟ୍ରଷ୍ଟର ସାଧାରଣ ସମ୍ପାଦକ ମୁରଲୀଧର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସତ୍ୟଭାମା ମୁଦୁଲି 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ । ବନ୍ଦନା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ନୀଳଗିରିର ପୂର୍ବତନ ଏବିଓ ମୁକ୍ତେଶ୍ୱର ସେଠୀ ଓ ଯୋଗେଶଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଗିଲ୍ ବିଜୟ ଦିବସର ଐତିହାସିକ ତାତ୍ପର୍ଯ୍ୟ, ବୀର ସହିଦମାନଙ୍କ ଅବଦାନ ଏବଂ ଦେଶପ୍ରେମର ବାର୍ତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଭାରତୀୟ ବାୟୁସେନାର ପୂର୍ବତନ କର୍ମଚାରୀ ଏସ୍ଟିଟି ଅଭୟ କୁମାର ପାଣିଙ୍କୁ 'ବୀର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏଥିସହ ବହୁ କୁନି ପ୍ରତିଭା ଭାରତ ମାତା ବେଶରେ ସଜ୍ଜିତ ହୋଇ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ଜିତିଥିଲେ । ରଞ୍ଜିତ ପରିଡ଼ା ମାନପତ୍ର ପାଠ କରିଥିବା ବେଳେ ଚନ୍ଦ୍ରକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସୁଷମା ସ୍ୱାଇଁ, କଳ୍ପନା ନାୟକ ଓ ସ୍ୱର୍ଣ୍ଣଲତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ କଞ୍ଚମଣି ସ୍ୱାଇଁ ସଂଚାଳନ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା ।

# ଅନ୍ତର୍ଯ୍ୟାମୀ କମ୍ପିଟେଟିଭ୍ ଏକାଡେମୀର ବାର୍ଷିକ ଉତ୍ସବ




ବାଲେଶ୍ୱର(ନିପ୍ର): ସ୍ଥାନୀୟ 'ଅନ୍ତର୍ଯ୍ୟାମୀ କମ୍ପିଟିଟିଭ୍ ଏକାଡେମୀ'ର ବାର୍ଷିକ ଉତ୍ସବ ରବିବାର ଦିନ ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବରର ସହିତ ପାଳିତ ହୋଇ ଯାଇଛି । ଏକାଡେମୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା, ସଂସ୍କାର ଓ ସଂସ୍କୃତିର ସମନ୍ୱୟ ଦେଖିବାକୁ ମିଳିଥିଲା । ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସ୍ନିଗ୍ଧା ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ, ଏକାଗ୍ରତା ଏବଂ ନୈତିକ ମୂଲ୍ୟବୋଧ ଆଡ଼କୁ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ 'ସିଦ୍ଧିବିନାୟକ ଗ୍ରୁପ୍ ଅଫ୍ ଇନ୍ ଷ୍ଟିଚ୍ୟୁସନ୍ସ'ର ଅଧ୍ୟକ୍ଷ ଘନଶ୍ୟାମ ବିଶ୍ୱାଳ ଯୋଗଦେଇ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ସଠିକ୍ ମାର୍ଗଦର୍ଶନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ସୌମ୍ୟ ରଞ୍ଜନ ସିଂ, ଲକ୍ଷ୍ମୀନାରାୟଣ ନାୟକ ଏବଂ ପ୍ରଦୀପ କୁମାର ନାୟକ ମଧ୍ୟ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏକାଡେମୀର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ସେ ଗତ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ହାସଲ କରିଥିବା ସଫଳତା ବିଷୟରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରି ଉତ୍ସାହିତ କରିଥିଲେ । ପରିଶେଷରେ ଏକାଡେମୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ନୃତ୍ୟ, ସଙ୍ଗୀତ ଓ ନାଟିକା ଉପସ୍ଥାପନା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

# 'ଚନ୍ଦ୍ରଭାଗୋତ୍ସବ' ପକ୍ଷରୁ ତିନୋଟି ପୁସ୍ତକର ଲୋକାର୍ପଣ ଉତ୍ସବ



ବାଲେଶ୍ୱର(ନିପ୍ର): ସାହିତ୍ୟ ଓ ସଂସ୍କୃତିର ମିଳନସ୍ଥଳୀ ବାଲେଶ୍ୱରର ଆତିଥ୍ୟ ସମ୍ମିଳନୀ କକ୍ଷରେ ଗତକାଲି ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ 'ଚନ୍ଦ୍ରଭାଗା' ପକ୍ଷରୁ ଆୟୋଜିତ ସାରସ୍ୱତ ସ୍ରଷ୍ଟା ରାଜୀବ ପାଣିଙ୍କ ତିନୋଟି ସୃଜନଶୀଳ କୃତିର ଏକାଳୀନ ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଉରକେଲାରେ ବସବାସ କରୁଥିବା ବାଲେଶ୍ୱର ଜିଲ୍ଲା ଦରଡ଼ା ଗ୍ରାମର ସନ୍ତାନ ରାଜୀବ ପାଣି କବି, ପ୍ରାବନ୍ଧିକ, ସୁବକ୍ତା, ନାଟ୍ୟ ନିର୍ଦ୍ଦେଶକ-ଅଭିନେତା ଏବଂ ସଂଗଠକ ଭାବେ ପରିଚିତ । ତାଙ୍କର 'ଆତ୍ମନାଦ' କବିତା ସଂକଳନ, 'ନାଟ୍ୟକକ୍ଷ' ଚିନ୍ତନ ସଂକଳନ ଏବଂ 'ଭାରତୀୟ ଦର୍ଶନ ଓ ଗୁରୁକୁଳ' ଗବେଷଣାତ୍ମକ ରଚନା ଏକାଠି ଲୋକାର୍ପିତ ହୋଇଯାଇଛି । କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନାଟ୍ୟକାର ଡକ୍ଟର ପ୍ରଦୀପ ଭୌମିକ ଏବଂ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ଯୁଗ୍ମ ଭାବେ ଉଦ୍‌ଘାଟନ କରିଥିଲେ । ଭାରତୀୟ ଦର୍ଶନ ଓ ଗୁରୁକୁଳ ପରମ୍ପରାକୁ ନେଇ ଲେଖକଙ୍କ ଭାବାବେଗପୂର୍ଣ୍ଣ ସୃଜନାଭିବ୍ୟକ୍ତି ଉପସ୍ଥିତ ଶ୍ରୋତାଙ୍କୁ ମୁଗ୍ଧ କରିଥିଲା । କାର୍ଯ୍ୟକ୍ରମର ଆରମ୍ଭରେ 'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ତରୁଣ କବି ଉତ୍ପଳ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସାହିତ୍ୟିକ ସନ୍ଧ୍ୟାରେ ବାଲେଶ୍ୱରର ବହୁ ପ୍ରବୀଣ ଲେଖକ ଓ ସଂସ୍କୃତି କର୍ମୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ସୁଶ୍ରୀ ଅରୁଣା ରାୟ, ଅନସୂୟା ନାୟକ, ଗୀତାଞ୍ଜଳି ଶତପଥୀ, ନାଟ୍ୟକାର ଆଶୀଷ ଚକ୍ରବର୍ତୀ, ଗାଳ୍ପିକ ନିବାରଣ ଜେନା, କବି-କଥାକାର ଗଂଗାଧର ବିଶ୍ୱାଳ, ଆଡ୍‌ଭୋକେଟ୍ ଶରତ ମହାପାତ୍ର, ଚିତ୍ରଶିଳ୍ପୀ ମରୁତ୍ ରାଉତ, ଡ. ଶଶିକାନ୍ତ ମହାନ୍ତି, 'ନାଚ୍'ର ପ୍ରତିଷ୍ଠାତା ଅରୁମାଂଶୁ ପାଣିଗ୍ରାହୀ, ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସଂଗୀତଜ୍ଞା କଲ୍ୟାଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ରେମୁଣା ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ



ବାଲେଶ୍ୱର(ନିପ୍ର): ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟରେ ରେମୁଣା ବିଜ୍ଞାପିତ ଅଂଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଏହି ଅବସରରେ ବିଧାୟକ ପ୍ରତିନିଧି କାର୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଜିଲ୍ଲା ବିଜେପି ସମ୍ପାଦିକା ରବିତା ଦାସ, ଏନ୍‌ଏସି ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା ଓ କୃଷ୍ଣ ଚନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ଥିଲେ । ମିଶ୍ରଣ ପର୍ବରେ ରେମୁଣା ଏନ୍‌ଏସିର କଂଗ୍ରେସ ଦଳର ୱାର୍ଡ କାଉନସିଲର ପ୍ରାର୍ଥୀ ପରିତୋଷ ମଣ୍ଡଳଙ୍କ ନେତୃତ୍ୱରେ ବିଜୟ ଖଟୁଆ, ଜିତେନ୍ଦ୍ର ମହାଳିକ, ହୃଦାନନ୍ଦ ସାହୁ, ଗୌତମ ମହାନ୍ତି, ଦିପ୍ତୀରଞ୍ଜନ ବେହେରା, ରତିକାନ୍ତ ସାହୁ, ଜୟନ୍ତ ଦାସ, ଗଜେନ୍ଦ୍ର ସାହୁ, ତନ୍ମୟ ବିଶ୍ୱାସ, ସୁଧାଂଶୁ ବେହେରା, ସପନ ଚୌହାନ, ଅନିମେଷ ଭୂୟାଁ, ରବି ରାୟ, ସଞ୍ଜୟ ଦେଶୱାଲୀ, ଜିତ ଦାସ, ବିଜୟ ଦାସ, ରାଜେନ୍ଦ୍ର ଦଳେଇ, ଅଜୟ ମଣ୍ଡଳ, ଜଗନ୍ନାଥ ବେହେରା, ସର୍ବଜୀତ ବେହେରା, ଭୁବନ ଗିରି, ବିଶ୍ୱଜିତ ବିଶ୍ୱାସ, ଜୟକୃଷ୍ଣ ପଡ଼ିହାରୀ, ହରିଶ୍ଚନ୍ଦ୍ର ସେଠୀ, ମିରୀଲାଲ ମୁଖାର୍ଜୀ, ରାଜେଶ କାଞ୍ଜିଲାଲ ଓ ରାଜେଶ ଦାସଙ୍କ ସମେତ ବହୁ କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଥିଲେ । ନବ ଯୋଗଦାନକାରୀ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକକଲ୍ୟାଣ ମୂଳକ କାର୍ଯ୍ୟ ଓ ସେବାଭାବରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦାନ କରିଥିବା କହିଥିଲେ । ଉପସ୍ଥିତ ନେତୃବୃନ୍ଦ ସେମାନଙ୍କୁ ଦଳୀୟ ଉତରୀୟ, ମିଠା ଖୁଆଇ ସ୍ୱାଗତ ଜଣାଇଥିଲେ ଏବଂ ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

# ସହିଦ ଗଙ୍ଗାରାମଙ୍କ ସ୍ମୃତିରେ ନାମିତ ହେଲା କୁରୁଡ଼ା ମଠସାହି ରାସ୍ତା



ବାଲେଶ୍ୱର(ନିପ୍ର): କାର୍ଗିଲ ବିଜୟ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ଖାନନଗର ପଂଚାୟତର ହରିଡ଼ା ଗ୍ରାମରେ ସହିଦ ଗଙ୍ଗାରାମ ସ୍ମୃତି ପରିଷଦ ପକ୍ଷରୁ ବିଜୟ ଦିବସର ବାର୍ଷିକ ଉତ୍ସବ ଶ୍ରଦ୍ଧା ଓ ଗାମ୍ଭୀର୍ଯ୍ୟର ସହ ପାଳନ କରାଯାଇଥିଲା । ସ୍ମୃତି ପରିଷଦର ସଭାପତି ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ କାର୍ଗିଲ ଯୁଦ୍ଧରେ ଭାରତୀୟ ସୈନିକଙ୍କ ବୀରତ୍ୱ ଓ ବଳିଦାନକୁ ସ୍ମରଣ କରିବା ସହ ସହିଦ ଗଙ୍ଗାରାମଙ୍କ ଅମର ତ୍ୟାଗକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟ ବକ୍ତା, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିରେଖା ପାଣିଗ୍ରାହୀ, ଖାନନଗର ସରପଂଚ ଅଞ୍ଜନ ନାୟକ, ଭାଗିରଥୀ ରାଉତ, ସମିତି ସଭ୍ୟା ରଶ୍ମିରେଖା ଦାସ, ଶତ୍ରୁଘ୍ନ ମଲ୍ଲିକ, ଅବସରପ୍ରାପ୍ତ କ୍ୟାପଟେନ୍ ଚନ୍ଦ୍ରମଣି ମହାପାତ୍ର ଓ ଅବସରପ୍ରାପ୍ତ ସୁବେଦାର ତରୁଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବକ୍ତାମାନେ କାର୍ଗିଲ ଯୁଦ୍ଧର ଐତିହାସିକ ବିଜୟ, ଭାରତୀୟ ସେନାର ସାହସ ଓ ଦେଶ ପାଇଁ ସହିଦ ଗଙ୍ଗାରାମଙ୍କ ଅତୁଳନୀୟ ବଳିଦାନ ଉପରେ ଆଲୋକପାତ କରିଥିଲେ । ସେମାନେ ଯୁବପିଢ଼ିକୁ ଦେଶପ୍ରେମ, ଶୃଙ୍ଖଳା ଓ ରାଷ୍ଟ୍ରସେବାର ଆଦର୍ଶରେ ପ୍ରେରିତ ହେବାକୁ ଆହ୍ୱାନ ଦେଇଥିଲେ । ସ୍ମୃତି ପରିଷଦର ସମ୍ପାଦକ କାର୍ତିକ ଚନ୍ଦ୍ର ଗିରି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁରୁଡ଼ା ମଠସାହି ରାସ୍ତାକୁ ବୀର ସହିଦ ଗଙ୍ଗାରାମଙ୍କ ନାମରେ ନାମିତ କରାଯାଇ ନାମଫଳକର ଶୁଭ ଉଦ୍ଘାଟନ ମଧ୍ୟ କରାଯାଇଥିଲା । ଏହି ପଦକ୍ଷେପକୁ ସ୍ଥାନୀୟ ଅଂଚଳବାସୀ ସ୍ୱାଗତ କରିବା ସହ ସହିଦଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ ।

# ଓୟୁଜେ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ




ବାଲେଶ୍ୱର(ନିପ୍ର): ଦେଶ ମାତୃକା କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବ ନାହିଁ । କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ବ୍ୟକ୍ତ କରିଛନ୍ତି । ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଶହୀଦ ପାର୍କ ଠାରେ କାରଗିଲ ବିଜୟ ଦିବସ ପାଳନ କରାଯାଇ ବୀର ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶତୃଘ୍ନ ମଲ୍ଲିକ ଯୋଗ ଦେଇ କହିଲେ ଯେ, ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସ ବାଦି ମାନଙ୍କ ଅନୁପ୍ରବେଶ କୁ ଭାରତୀୟ ସେନା ପରାଜିତ କରିଥିଲେ । ଏହି ୨ ମାସର ଯୁଦ୍ଧରେ ୫୨୭ ଯବାନ ଶହିଦ ହୋଇ ଥିଲେ ।୧୮ ହଜାର କିଲୋମିଟର ଉଚ୍ଚ ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା । ଯୁବ ସମାଜ ଦେଶର ସାର୍ବଭୌମତ୍ୱ, ଏକତା, ଅଖଣ୍ଡତା, ପ୍ରଗତି, ବିକାଶ ପ୍ରତି ଉତଦାୟୀ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମାଜ ସେବୀ ଚନ୍ଦ୍ରାଂଶୁ ବାନାର୍ଜୀ, ଶିକ୍ଷକ ସଂଗ୍ରାମ କେଶରୀ କର, ବିବେକାନନ୍ଦ ଦାସ ମଧୁସୂଦନ ଦାସ, ହାଇଦର ଖାନ, ଆଜିମ ବାଲେଶ୍ୱରୀ ଉଦବୋଧନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୟୁନିଅନର, ସମ୍ପାଦକ ରବିରଞ୍ଜନ ତ୍ରୀପାଠୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ପ୍ରସନ୍ନଜିତ ଆଶ, ଗଣେଶ କୁମାର ସେଠୀ, ଅଧୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥଲେ । ହାଇଦର ଖାନ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ । ବୀର ଯବାନଙ୍କ ଉପରେ ଆଧାରିତ ଆଜୀମ ବାଲେଶ୍ୱରୀଙ୍କ ସାଏରୀ ବେଶ ଉଚ୍ଚ କୋଟୀର ହୋଇଥିଲା ।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ମହମବତୀ ଶୋଭାଯାତ୍ରା





ବାଲେଶ୍ୱର(ନିପ୍ର): ଜନ୍ତର ମନ୍ତର ଠାରେ ପୋଲିସର ଲାଠିଚାର୍ଜ, ଟିୟାର ଗ୍ୟାସର ପ୍ରୟୋଗ କରି ଛାତ୍ରଛାତ୍ରୀମାନଙ୍କୁ ଯେଉଁ ଭଳି ଭାବରେ ପୋଲିସ ଦମନଲୀଳା ଚଳେଇଲା, ତାହା ବିରୋଧରେ ଆ ଇ ସି ସି ସଭାପତି ମାନ୍ୟବର ମଲ୍ଲିକାର୍ଜୁନ ଖର୍ଗେ ଜି ଏବଂ ଜନନାୟକ ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କର ନିଷ୍ପତି କ୍ରମେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ଓ ମହିଳା କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ଏବଂ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଅନୁମୋଦନ କ୍ରମେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସଂଜୀବ ଗିରି , ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ନିଶିଥ ବାରିକ, ଆଶିଷ ପଟ୍ଟନାୟକ, ଦେବଦତ ଦାସ, ସମ୍ପାଦକ ସାହେବା ଅକତର, ସେକ୍ ନିଜାମୁଦ୍ଦିନ, ପଶୁପତି ଉପାଧ୍ୟାୟ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ସେକ ଅଜଗର ଅଲ୍ଲୀ, ପୂର୍ବତନ ପିସିସି ସମ୍ପାଦକ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସମ୍ପାଦିକା ପ୍ରତିମା ପଣ୍ଡା, ଯଶ୍ମା ସେନାପତି, ନାରୀନେତ୍ରୀ ହେମଲତା ଦାସ, ଆଡଭୋକେଟ୍ ସାଇନି ଅକ୍ତର, ଜୀବନ ମହାପାତ୍ର, ହର୍ଷ ଖେଣ୍ଡିୱାଲ, ବୈଦୂର୍ଯ୍ୟ ଦାସ, କୋଷାଧ୍ୟକ୍ଷ କାନ୍ତିଲାଲ ନାୟକ ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ତାନାସାହି ଶାସନକୁ କଡ଼ା ସମାଲୋଚନା କରିଥିଲେ ।

# ବନ୍ୟା ଅଂଚଳ ପରିଦର୍ଶନ କଲେ ବିଧାୟକ



ସୋର(ନିପ୍ର)- ଗତ ୬ ଦିନଧରି ପ୍ରବଳ ଲଗାଣ ବର୍ଷା ଯୋଗଁ କାଂଶବାଂଶ ନଦୀରେ ବନ୍ୟା ଆସିବା ଫଳରେ ସୋର ବ୍ଲକର ସବିରା, କେଦାରପୁର ଏବଂ ତଳନଗର ପଂଚାୟତର ସବିରା, ବ୍ରାହ୍ମ ସବିରା , ଚପରପଦା, ସାଜନପୁର, ଘାସୁଆ, କବିରପୁର, ତଳ ସବିରା, ଡିଅସବିରା, ଗଣ୍ଡତରା, ତଳନଗର, ସାଲମପୁର, ଦାଣ୍ଡପଳାସା, ସୁନାରା, ପଦନପଡ଼ା, ଅସ୍ତବାଙ୍କ, ଧାନବରଖୁଂଟା, ଧଅଳି, ବାଉଁଶଖୁଂଟା, ଅଗପଡ଼ା, ବେଲ ସବିରା, କସବା, ଅଲ୍ଲାପୁର ଆଦି ୩୦ରୁ ଅଧିକ ଗ୍ରାମ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ ହୋଇଥିବାରୁ ଲୋକମାନେ ଘରୁ ବାହାରି ନପାରି ଭୋକ ଉପବାସରେ ପଡ଼ି ରହିଛନ୍ତି । ଅଧିକାଂଶ ଘର ଭିତରେ ପାଣି ପଶିଯାଇଥିବା ବେଳେ ଲୋକମାନେ ଉଚ୍ଚସ୍ଥାନରେ ଆଶ୍ରୟ ନେଇଛନ୍ତି । ଖବର ପାଇ ଆଜି ସୋର ବିଧାୟକ ମାଧବ ଧଡ଼ା ଏବଂ ତଳନଗର ସରପଂଚ ଗୀତାରାଣୀ ଦାଶ, ରାଜେନ୍ଦ୍ର ଦାଶଙ୍କ ସହିତ ଅନ୍ୟ ସହଯୋଗୀମାନେ ବନ୍ୟାଂଚଳରେ ପହଞ୍ଚି ଦୁର୍ଗତମାନଙ୍କର ଅସୁବିଧା ବୁଝିବା ସହିତ ଶୁଖିଲଶ ଖାଦ୍ୟ ବାଂଟିଥିଲେ । ବନ୍ୟାଂଚଳରୁ ବିଧାୟକ ଶ୍ରୀ ଧଡ଼ା ଏ ସଂପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରିବା ପରେ ସେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଇରଙ୍ଗପୁରରେ ବାହୁଡ଼ା ଯାତ୍ରା ଶେଷ



ବାରିପଦା(ନିପ୍ର): ରାଇରଙ୍ଗପୁରରେ ଦୁଇ ଦିବସୀୟ ବାହୁଡ଼ା ଯାତ୍ରାର ଆଜି ଦିତୀୟ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣି ନେଇ ଆଜି ଜଗନ୍ନାଥ ମନ୍ଦିର ନିକଟରେ ପହଂଚାଇ ଛନ୍ତି. ଶନିବାର ଦିନ ବାହୁଡ଼ା ଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିରରେ ଭୋର ୪ ଟାରେ ମୁଖ୍ୟ ପୂଜକ ଦେବବ୍ରତ ରଥ ମହାପାତ୍ର ଏବଂ ତାଙ୍କ ସହଯୋଗୀମାନେ ଅପରାହ୍ନରେ ମହାପ୍ରଭୁଙ୍କ ନୀତିକାନ୍ତି ହେବାପରେ ପୌରାଧକ୍ଷ ଅଭିଷେକ ପଟନାୟକ ଛେରା ପହଁରା କରିଥିଲେ । ପରେ ଡାହୁକ କୃଷ୍ଣବିହାରୀ ମହାନ୍ତି ଏବଂ ତାଙ୍କ ସୁପୁତ୍ର ଅଭିଷେକ ମହାନ୍ତିଙ୍କ ନିର୍ଦ୍ଦେଶରେ ରଥ ସୁପରିଚାଳନା ହୋଇଥିଲା । ଆଜି ଗୁଣ୍ଡିଚା ମନ୍ଦିରରୁ ମହିଳା ମାନେ ସାହୁ ଲଜ ସମ୍ମୁଖରୁ ଜଗନ୍ନାଥ ମାର୍କେଟ ବଡ଼ଦାଣ୍ଡ ପର୍ଯ୍ୟନ୍ତ ରଥ ଟାଣିଥିଲେ । ଅପରାହ୍ନରେ ପାଗ ଅନୁକୂଳ ଥିଲା. ଭଲ ପାଗ ଥିବାରୁ ହଜାର ହଜାର ମହିଳା ଶ୍ରଦ୍ଧାଳୁ ରଥ ଟଣାରେ ଅଂଶ ଗ୍ରହଣ କରି ନିଜକୁ ଧନ୍ୟ ମଣିଥିଲେ । ସମଗ୍ର ଅଂଚଳ ଜଗନ୍ନାଥ ମୟ ହୋଇ ଉଠିଥିଲା । ରଥଟଣାରେ ରଥ କମିଟି ଅଧକ୍ଷ ମୟୂରଭଂଜ ସାଂସଦ ନବ ଚରଣ ମାଝୀ, ବିଧାୟକ ଜଲେନ ନାଏକ ପଶ୍ଚିମବଙ୍ଗ ରାଜ୍ୟ ବିଜେପି କାର୍ଯ୍ୟକାରିଣୀର ସଦସ୍ୟ ଆନନ୍ଦ ରାମ, ଓଡ଼ିଶା ରାଜ୍ୟ ବିଜେପି କାର୍ଯକାରିଣୀ ସଦସ୍ୟ ନବିନ ରାମ, ସାଂସଦ ପ୍ରତିନିଧି ମନୋଜ ଦାସ, ଉପଜିଲ୍ଲାପାଳ ଉଗ୍ରସେନ ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷାବିତ୍ ବୃନ୍ଦାବନ ସାହୁଙ୍କ ବିୟୋଗ ରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀଙ୍କ ଶୋକ



ତାଳଚେର(ନିପ୍ର): ତାଳଚେର ଅଂଚଳ ର ଜଣେ ବିଶିଷ୍ଟ ଶିକ୍ଷାବିତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାହୁଙ୍କର ୮୬ ବର୍ଷ ବୟସରେ କିଛିଦିନ ପୂର୍ବେ ଦେହାନ୍ତ ହୋଇଯାଇଛି । ସେ ପୂର୍ବରୁ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ର ବିଭିନ୍ନ ହାଇସ୍କୁଲ ରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ବହୁ ଛାତ୍ର ଛାତ୍ରୀ ବିଭିନ୍ନ ପଦ ପଦବୀରେ ଅଛନ୍ତି । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହାଣ୍ଡିଧୁଆ ହାଇସ୍କୁଲ ରେ ତାଙ୍କର ଛାତ୍ର ଥିଲେ । ତାଙ୍କର ବିୟୋଗରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଜଣେ ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ଥିଲେ ବୋଲି ସେ କହିଛନ୍ତି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ତାଙ୍କର ତାଳଚେର ଟାଉନ ଶର୍ମାଛକ ସ୍ଥିତ ବାସଭବନ କୁ ଯାଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ସେହିଭଳି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅଶୋକ ମହାନ୍ତି, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ସାଂସଦଙ୍କ ସହ କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ରାଜେଶ ଦଳେଇ, ଶ୍ରମିକ ନେତା ଅଶୋକ ସାମନ୍ତ, ପ୍ରାକ୍ତନ କାଉନସିଲର ଜିତେନ୍ଦ୍ର ଦାସ, ଜଗଦୀଶ ପ୍ରସାଦ ସିଂହ, ଅମିତ କୁମାର ଦାସ, ସୁନୀଲ ପଟ୍ଟନାୟକ, ପୂର୍ଣଚନ୍ଦ୍ର ବେହେରା, ବିଜୟ ନାଏକ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ପିସିସି ନିର୍ଦ୍ଦେଶ ମାନିଲା ନାହିଁ କୋରେଇ ବ୍ଲକ୍ କଂଗ୍ରେସ

କୋରେଇ(ନିପ୍ର): ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣାରତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦଙ୍କୁ ପୋଲିସ ଅଟକ ରଖିବା ଏବଂ ଭୁବନେଶ୍ୱରରେ ରାଜଭବନ ସମ୍ମୁଖରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ପୋଲିସ ଉଠାଇ ନେଇଥିବା ଘଟଣାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମସ୍ତ ବ୍ଲକ ଓ ନଗର କଂଗ୍ରେସ କମିଟିକୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା । ତେବେ କୋରେଇ ବ୍ଲକ କଂଗ୍ରେସର କାର୍ଯ୍ୟକ୍ରମକୁ ନେଇ ଦଳୀୟ ମହଲରେ ଏବେ ବିଭିନ୍ନ ପ୍ରଶ୍ନ ଉଠୁଛି । ସ୍ଥାନୀୟ କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକ ସ୍ତରର ଏହି ଆନ୍ଦୋଳନରେ



୩୦ରୁ କମ୍ କର୍ମୀ ଯୋଗ ଦେଇଥିଲେ । ବହୁ ବରିଷ୍ଠ କଂଗ୍ରେସ ନେତା, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ଆଗଧାଡ଼ିର କର୍ମୀମାନେ ଅନୁପସ୍ଥିତ ଥିବା ଦାବି କରାଯାଉଛି । ସେହିପରି ପିସିସିର ନିର୍ଦ୍ଦେଶରେ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ କୁହାଯାଇଥିବା ବେଳେ କୋରେଇ ବ୍ଲକରେ ବିଜେପି କାର୍ଯ୍ୟାଳୟ ପରିବର୍ତ୍ତେ ମୀନା ବଜାର ଛକରେ ବିକ୍ଷୋଭ ଓ କୁଶପୁତଳିକା ଦାହ କାର୍ଯ୍ୟକ୍ରମ କରାଯାଇଥିବା ନେଇ ପ୍ରଶ୍ନ ଉଠିଛି । ଏହାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି । ଅନେକ କର୍ମୀଙ୍କ ଅଭିଯୋଗ, ବ୍ଲକ ସଭାପତି ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ସଂଗଠନ ଦୁର୍ବଳ ହୋଇପଡ଼ିଛି । ଯେଉଁ କଂଗ୍ରେସ ଏକଦା ହଜାର ହଜାର କର୍ମୀଙ୍କୁ ନେଇ ଆନ୍ଦୋଳନ କରୁଥିଲା, ବର୍ତମାନ ସେହି ଦଳୀୟ କାର୍ଯ୍ୟକ୍ରମରେ ଅଳ୍ପ ସଂଖ୍ୟକ କର୍ମୀଙ୍କ ଉପସ୍ଥିତି ସଂଗଠନର ବର୍ତମାନ ସ୍ଥିତିକୁ ସୂଚାଉଛି ବୋଲି ସେମାନେ କହୁଛନ୍ତି । ଦଳୀୟ ସୂତ୍ରରୁ ଆଉ ଏକ ଚର୍ଚ୍ଚା ହେଉଛି ଯେ, ବ୍ଲକ ସଭାପତିଙ୍କ କାର୍ଯ୍ୟଶୈଳୀକୁ ନେଇ ବରିଷ୍ଠ, ଯୁବ ଓ ଛାତ୍ର କଂଗ୍ରେସର କିଛି ନେତା ପିସିସି ସଭାପତିଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରୁଛନ୍ତି । ଯଦିଓ ଏହି ଅଭିଯୋଗ ଉପରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୌଣସି ମତାମତ ସାମ୍ନାକୁ ଆସିନାହିଁ । ଅନ୍ୟପଟେ, କୋରେଇ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସର ପୂର୍ବତନ ସଭାପତି ଜୟପ୍ରକାଶ ନାୟକ (ଲିଟୁନ୍)ଙ୍କ ନିଲମ୍ବନ ପରଠାରୁ ତାଙ୍କ ସମର୍ଥକ ଅନେକ କର୍ମୀ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ନେଇ ମଧ୍ୟ ଚର୍ଚ୍ଚା ଚାଲିଛି । କିଛି କର୍ମୀଙ୍କ ମତରେ, ଏହାର ପ୍ରଭାବ କୋରେଇ ବ୍ଲକ କଂଗ୍ରେସର ସାଙ୍ଗଠନିକ ଶକ୍ତି ଉପରେ ପଡ଼ିଛି । ଏହି ଘଟଣା ପରେ କୋରେଇ ବ୍ଲକ କଂଗ୍ରେସର ସାଙ୍ଗଠନିକ ସ୍ଥିତି, ପିସିସି ନିର୍ଦ୍ଦେଶର ପାଳନ ଏବଂ କର୍ମୀଙ୍କ ଅସନ୍ତୋଷକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆଲୋଚନା ଜୋର ଧରିଛି ।

# ଶ୍ରୀ ଶ୍ରୀ ନୃସିଂହନାଥ ଡ୍ରାମାଟିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

କଟକ(ନିପ୍ର): ମହ୍ଲାସାହିସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଡ୍ରାମାଟିକ୍, ସମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ମାସର ଶେଷ ରବିବାର ଦିନ ଏକ ସେବା କାର୍ଯ୍ୟ ଆଂଚଳିକ କର୍କଟ ବିଭାଗରେ ଶୁଖିଲା ଖାଦ୍ୟ ବଂଟନ କରାଯାଏ । ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ମହତ କାର୍ଯ୍ୟ ସମ୍ପାଦନ କରାଯାଏ । ଅନୁଷ୍ଠାନର ସଭ୍ୟ, ସଭ୍ୟାଙ୍କ ଅନୁଦାନରେ ଓ କିଛି ବଦ୍ୟାନ ବ୍ୟକ୍ତିଙ୍କ ସାହାଯ୍ୟରେ ସେବାକାର୍ଯ୍ୟ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ



ଶ୍ରୀଯୁକ୍ତ ଶାନ୍ତନୁ କୁମାର ଦାସ, ଶ୍ରୀଯୁକ୍ତ ବିଜୟ କୁମାର ପାତ୍ର, ସୁବ୍ରତ ଦାସ, ଦେବଦ୍ୟୁତି ସ୍ୱାଇଁ, ରମେଶ ଚନ୍ଦ୍ର ସାମଲ ବହୁମୂଲ୍ୟ ସମୟ ଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ । ଅନୁଷ୍ଠାନ କୋଷାଧକ୍ଷ ଶ୍ରୀଯୁକ୍ତ ସୌର ମୋହନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଶାନ୍ତ କୁମାର ପ୍ରହରାଜ, ଶ୍ରୀଯୁକ୍ତ ମନୋରଞ୍ଜନ ସାମଲ, ଶ୍ରୀଯୁକ୍ତ ମନୋଜ ସାହୁ, ଶ୍ରୀଯୁକ୍ତ ସୋମନାଥ ବେହେରା, ଶ୍ରୀଯୁକ୍ତ ଗଣେଶ ପ୍ରଧାନ, ଶ୍ରୀଯୁକ୍ତ ସଞ୍ଜୟ କୁମାର ସେନାପତି, ଶ୍ରୀମତୀ ଶାନ୍ତିଲତା ମହାନ୍ତି, ସମୀର ନାୟକ, ସଂଗୀତା ସ୍ୱାଇଁ, ହୃଶିକେଶ ସାହୁ, ଶ୍ରୀମତୀ ସସ୍ମିତା ସାମଲ, ସୁଜାତା ପାତ୍ର, ସ୍ୱର୍ଣ୍ଣଲତା ମହାନ୍ତି, ସସ୍ମିତା ଦଳେଇ, କୁମାରୀ ନିର୍ମାଲ୍ୟ ପ୍ରିୟଦର୍ଶିନୀ ଗୟା, ଭାଗ୍ୟଲକ୍ଷ୍ମୀ ସାହୁ,ସସ୍ମିତ ରାଉତ, ଶ୍ରୀବତ୍ସ ବାବୁ, ମାମି ଗୁରୁମା, ଜଗବନ୍ଧୁ ସାହୁ, ଶ୍ରୀଯୁକ୍ତ ଜଗନ୍ନାଥ ରାୟ, ଗଣେଶ ପ୍ରଧାନ, ସୁଦେଷ୍ଣା ପ୍ରଧାନ, ଉପସ୍ଥିତ କାର୍ଯ୍ୟକ୍ରମଟିକୁ ସାରଥୀ ହୋଇ ଆଗେଇ ନେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ଶ୍ରୀଯୁକ୍ତ ଦୈନ ଭାଇଙ୍କ ପରିଶ୍ରମ ସମସ୍ତଙ୍କ ପାଇଁ ପ୍ରେରଣା ଦେବ ।

# ନନ୍-କ୍ୟାଡର ଆସୋସିଏସନ୍‌ର ସଭାପତି ଭାବେ ନାସିର ଅହମ୍ମଦ ମନୋନୀତ

ନୟାଗଡ(ନିପ୍ର): ନୟାଗଡ଼ ଜିଲ୍ଲାସ୍ତରୀୟ ନନ୍-କ୍ୟାଡର ଆସୋସିଏସନ୍, ଜିଲ୍ଲା ସମବାୟ ବ୍ୟାଙ୍କର ସାଙ୍ଗଠନିକ ବୈଠକ ସ୍ଥାନୀୟ ମଜୁରୀଆପଲ୍ଲୀସ୍ଥିତ ମା’ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମବାୟ ସମିତିଗୁଡ଼ିକର ବର୍ତମାନ କାର୍ଯ୍ୟକଳାପ, ସଂଗଠନର ସାଙ୍ଗଠନିକ ସୁଦୃଢ଼ୀକରଣ, ସଦସ୍ୟମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଜନହିତକର କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ ଭାବେ କିପରି ଆଗେଇ ନିଆଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା । ଏହି ଅବସରରେ ସଂଘର ଭବିଷ୍ୟତ ଓ ସମବାୟ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ବରିଷ୍ଠ ସମବାୟ ନେତା ନାସିର ଅହମ୍ମଦ (ନସ୍) ଭାଇଙ୍କୁ ସର୍ବସମ୍ମତି କ୍ରମେ ନୟାଗଡ଼ ଜିଲ୍ଲା ନନ୍-କ୍ୟାଡର ଆସୋସିଏସନ୍‌ର ସଭାପତି ଭାବେ ମନୋନୀତ କରାଯାଇଥିଲା । ନବ ନିର୍ବାଚିତ ସଭାପତି ନାସିର ଅହମ୍ମଦ (ନସ୍) ଭାଇ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇ ସଂଘର ମର୍ଯ୍ୟାଦା, ଏକତା ଓ ସଦସ୍ୟମାନଙ୍କ ସ୍ୱାର୍ଥର ସୁରକ୍ଷା ସହିତ ସମବାୟ ବ୍ୟବସ୍ଥାର ସୁଦୃଢ଼ ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ ।

# ଜୟହିନ୍ଦ୍ କ୍ଲବ୍ ଲିଗ କମ ନକ୍ ଆଉଟ ଫୁଟବଲ ପ୍ରତିଯୋଗିତାର ୭ମ ଦିବସରେ ମ୍ୟାଚ ଡ୍ର




ଝାରସୁଗୁଡା(ନିପ୍ର): ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ୭ମ ଦିବସର ମ୍ୟାଚ ଆଦର୍ଶ କ୍ଲବ ଓଏସଏପି ଝାରସୁଗୁଡା ଓ ଖେରୁଆଲ କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଉଭୟ ଦଳ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ । ମ୍ୟାଚରେ ହୋଟେଲ ଆସୋସିଏସନର ଅଶୋକ ଯାଦବ ଓ କ୍ୟାପଟେନ୍ ଶମ୍ଭୁନାଥ ସରକାର୍ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଏହି ଖେଳକୁ ଶରତ କିଶାନ, ସର୍ଯ୍ୟନାରାୟଣ ମିର୍ଦ୍ଧା, ଅମିତ କୁମାର ବାଗ ଓ ସଂଜୟ କିଶାନ ପ୍ରଭୃତି ପରିଚାଳନା କରି ଥିଲେ ।

# କାରଗିଲ ବିଜୟ ଦିବସ ପାଳିତ

ଖଇରା(ନିପ୍ର): ବୀର ଯବାନ ଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି । କାରଗିଲ ବିଜୟ ଦିବସ ଯୁବ ସମାଜ କୁ ପ୍ରେରଣା ଦେବ ଦେଶର ଏକତା ଅଖଣ୍ଡତା ସାର୍ବଭୌମତ୍ୱ ରକ୍ଷା ଯୁବସମାଜର ଦାୟିତ୍ୱ ସହିତ ଦେଶ ମାତୃକା କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ନାହିଁ । କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ମତ ବ୍ୟକ୍ତ କରିଛନ୍ତି । ଖଇରା ବ୍ଲକ ନିକଟରେ ଥିବା ଜନସେବା କେନ୍ଦ୍ର ପରିସରରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସଙ୍କ ଅଧକ୍ଷ୍ୟତରେ ସହିଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବଳରାମ ଲେଙ୍କା, ନିଶିକାନ୍ତ ମହାନ୍ତି, କମ୍ପୁଟର ଶିକ୍ଷ୍ୟକ ସୁଶାନ୍ତ କୁମାର ଶଙ୍ଖୁଆ, ସମାଜ ସ୍ୱେୀ ମୁକେଶ କୁମାର ଜେନା, ଜ୍ଞାନରଞ୍ଜନ ପାଇକରାୟ, ରାମକୃଷ୍ଣ ପାଢ଼ୀ, ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସ ବାଦି ମାନଙ୍କ ଅନୁପ୍ରବେଶ କୁ ଭାରତୀୟ ସେନା ପରାଜିତ କରିଥିଲେ । ଏହି ଦୁଇ ମାସର ଯୁଦ୍ଧରେ ୫୨୭ଜଣ ଯବାନ ଶହିଦ ହୋଇଥିଲେ । ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କ ସହିତ ଯୁଦ୍ଧ କରିଥିଲେ ବୋଲି ପ୍ରକାଶ କରିଥିଲେ । ଶେଷରେ ଯୁବ ସାମ୍ବାଦିକ ତଥା ସମାଜ ସ୍ୱେୀ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଜଣାଇଥିଲେ ।

# ସଡ଼କ ଦୁର୍ଘଟଣାରେ ଅଳ୍ପକେ ବର୍ତିଲେ ୧୦ ଶ୍ରମିକ


ସୋର(ନିପ୍ର): ବାଲେଶ୍ୱର ଜିଲା ସୋର ଥାନା ତଳନଗର କଲେଜ ସମ୍ମୁଖ ଉଭର ବ୍ରିଜ ଉପରେ ଗୋଟିଏ ପିକଅପ୍ ଗାଡ଼ି ସହିତ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବେଳେ ୧୦ ରୁ ଅଧିକ ଶ୍ରମିକ ଅଳ୍ପକେ ବର୍ତି ଯାଇଛନ୍ତି । ଘଟଣାରୁ ପ୍ରକାଶ ତଳନଗର ଉଭର ବ୍ରିଜ ଉପରେ ଡାହାଣ ପାର୍ଶ୍ୱରେ ସୋର ଆଡୁ ତଳନଗରକୁ ଆସୁଥିବା ପ୍ରାୟ ୧୦ ରୁ ଅଧିକ ଶ୍ରମିକ ନେଇ ରେଲୱେ ବିଭାଗର ପିକଅପ୍ ନଂ ଓଡି ୦୧ଏସି ୧୭୭୨ ସହିତ ଜାମୁଝାଡି ଆଡୁ ଆସୁଥିବା କାର ସହିତ ସାମ୍ନାସାମ୍ନି ଧକ୍କା ହେବା ଫଳରେ ଓଡି ୦୧ଏଡି ୯୩୩୩ ନଂ ବିଶିଷ୍ଟ କାର ବାମ ପାର୍ଶ୍ୱ ଭାଙ୍ଗି ଯାଇ କାର ଚାଳକ ସହିତ ପିକଅପ୍ ଶ୍ରମିକ ବଡ଼ ଦୁର୍ଘଟଣାରୁ ବର୍ତି ଯାଇଛନ୍ତି । ପରେ ଜାତୀୟ ରାଜପଥ ପୋଲିସ୍ ପହଂଚି ଗାଡ଼ିକୁ ଜବତ କରିଥିବା ଦେଖିବାକୁ ମିଳିଛି । କାରରେ ଆସୁଥିବା ବ୍ୟକ୍ତି ଜଣକ ହେଲେ ଧାମରା ଅଂଚଳର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଭରତ ଚନ୍ଦ୍ର ସ୍ୱାଇଁ ବୋଲି ପରିଚୟ ଦେଇଥିଲେ ।





ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ୍ୟ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



*'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍*
*ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା*
*(ଶ୍ରୀମଦ୍ ଭଗବତ୍ ଗୀତା)*


ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ଖେଳନାରେ ବିଜ୍ଞାନ

ବିଭିନ୍ନ ଜିନିଷର ଭଙ୍ଗାରୁଜା ଅଂଶ ଓ ଅଳିଆରୁ ନିର୍ମାଣ ହେଉଛି ଖେଳନା; ସେହି ଖେଳନା ପୁଣି ସାରା ବିଶ୍ୱର ଲକ୍ଷାଧିକ ପିଲାଙ୍କୁ ବିଜ୍ଞାନ ପାଠ ପଢ଼ାଇବାରେ ଉପଯୋଗ ହେଉଛି । ଏଭଳି ସୃଜନଶୀଳ କାର୍ଯ୍ୟ କରୁଛନ୍ତି ଭାରତର ଅରବିନ୍ଦ ଗୁପ୍ତା । ସାରା ବିଶ୍ୱରେ ତାଙ୍କୁ ବିଜ୍ଞାନ ଯାଦୁକର ବୋଲି ମଧ୍ୟ କୁହାଯାଉଛି । ଏହି ବ୍ୟକ୍ତି ପୁଣେରେ ତାଙ୍କର ୪୦୦ ଫୁଟର ଅଫିସ ଘରେ ସବୁବେଳେ ବ୍ୟସ୍ତ । ଏହି ଛୋଟିଆ ଅଫିସ ଘରେ ସେ ଯାହା ତିଆରି କରୁଛନ୍ତି ତାହା ବିଶ୍ୱର କେଉଁଠି ନାଁ କେଉଁଠି ଶ୍ରେଣୀଗୃହରେ ବ୍ୟବହୃତ ହେଉଛି । ଯେଉଁକାମ କୌଣସି ପାଠ୍ୟପୁସ୍ତକ କରି ନପାରିବ ତାହା କରିପାରୁଛି ଅରବିନ୍ଦଙ୍କ ଖେଳନା । ସେଥିପାଇଁ ସାରାଦିନ ବ୍ୟସ୍ତ ରହୁଛନ୍ତି ଅରବିନ୍ଦ । ଭଙ୍ଗାରୁଜା ଜିନିଷରୁ ସେ ଯେଉଁ ଖେଳନା ନିର୍ମାଣ କରୁଛନ୍ତି ତାହାଦ୍ୱାରା ଛାତ୍ରଟିଏ ସହଜରେ ବୁଝିପାରୁଛି ବିଜ୍ଞାନର ଜଟିଳ ପାଠ । ତାଙ୍କର ଏହି ସୃଜନଶୀଳତା ହୁଏତ ଆଗାମୀ ଦିନରେ ଭାରତ ସମେତ ସାରା ବିଶ୍ୱରେ ଅନେକ ବୈଜ୍ଞାନିକ ସୃଷ୍ଟିକରିବାରେ ସହାୟକ ହୋଇସାରିଥିବ । ଏତେ ଭାବନାରୁ ଦୂରରେ ଥିବା ଅରବିନ୍ଦ କିନ୍ତୁ ଅହରହ ଲାଗିପଡ଼ିଛନ୍ତି ତାଙ୍କ କାମରେ । ଗୋଟିଏ ପରିତ୍ୟକ୍ତ ସାଇକଲ ଟ୍ୟୁବ୍ ପିଲାଙ୍କୁ ଶିଖାଇପାରିବ ବାୟୁ ଚାପର ପ୍ରଭାବ; କୁଟା ଖଣ୍ଡେ ଶିଖାଇପାରିବ କେନ୍ଦ୍ରାଭିସାରୀ ବଳର ପ୍ରୟୋଗ ବିଷୟରେ । ଏପରିକି ରବର ଟ୍ୟୁବ୍ ଏବଂ କେତେଖଣ୍ଡ ଦିଆଶିଲି ସାହାଯ୍ୟରେ ପିଲାଙ୍କୁ ଶିଖାଇ ହେବ ଜ୍ୟାମିତିକ ବିନ୍ୟାସ; ଫ୍ୟୁଜ୍ ବଲ୍‌ବ ଏବଂ ବେଲୁନ ସାହାଯ୍ୟରେ ମଧ୍ୟ ଭଲଭାବେ ବୁଝାଇ ହେବ ଆମର ଫୁସ୍‌ଫୁସ୍ କିପରି କାମକରେ । ବିଜ୍ଞାନର ଏମିତି ଗୂଢ଼ ତତ୍ତ୍ୱସବୁକୁ ଅରବିନ୍ଦ ବୁଝାଇବାକୁ ପ୍ରୟାସ କରୁଛନ୍ତି ତାଙ୍କ ଖେଳନା ମାଧ୍ୟମରେ- ଏହି ଖେଳନା ସବୁ ନିର୍ମିତ ହେଉଛି ପରିତ୍ୟକ୍ତ ବସ୍ତୁରୁ । ୭୦ ଦଶକରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇବା ପରଠାରୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସରଳ କରି ବୁଝାଇବାର ଚିନ୍ତା ତାଙ୍କ ମୁଣ୍ଡକୁ ଜୁଟିଥିଲା । କିଛି ଅଧ୍ୟାପକଙ୍କ ଦ୍ୱାରା ଅବହେଳିତ ପିଲାଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିବା 'ଅପରଚ୍ୟୁନିଟି ସ୍କୁଲ'ରେ ପାଠ ପଢ଼ାଇବାର ସୁଯୋଗ ପାଇ ଏହି ଚିନ୍ତାକୁ ସେ କାମରେ ଲଗାଇବାକୁ ଚେଷ୍ଟା କରିଥିଲେ । ତାଙ୍କର ଏହି ଉଦ୍ୟମ କ୍ରମେ ସଫଳତା ଲାଭ କରିବାକୁ ଲାଗିଲା । ଏବେ ସେ ନିଜର ଅନ୍ୟସବୁ କାମକୁ ପଛରେ ପକାଇ ଲାଗିପଡ଼ିଛନ୍ତି ଖେଳନା ନିର୍ମାଣରେ । ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଅରବିନ୍ଦ କେବଳ ଜଣେ ଇଞ୍ଜିନିୟର ନୁହନ୍ତି, ଜଣେ ବୈଜ୍ଞାନିକ ମଧ୍ୟ । ଖେଳନା ମାଧ୍ୟମରେ ବିଜ୍ଞାନକୁ ସରଳ କରି ବୁଝାଇବାର ପଦ୍ଧତି ନୂଆ ନହେଲେ ମଧ୍ୟ ଅରବିନ୍ଦଙ୍କ ଦ୍ୱାରା ନିର୍ମିତ ଖେଳନା ନିଆରା । ଆଗାମୀ ଦିନରେ ଏହି ନିଆରା ନିଶାକୁ ନେଇ ସେ ଦେଖିଛନ୍ତି ଅନେକ ସ୍ୱପ୍ନ । ଧନୀ ଗରିବ ସମସ୍ତେ ଭଲଭାବେ ବିଜ୍ଞାନ ପାଠ ବୁଝନ୍ତୁ, ଏହା ହିଁ ତାଙ୍କର ଲକ୍ଷ୍ୟ ।


# ଅବଦୁଲ୍ କଲାମ୍ ଓ ଓଡ଼ିଶା

◆ ନାରାୟଣ ଚନ୍ଦ୍ର ବିଶ୍ୱାଳ



କିଏ ତାଙ୍କୁ କହୁଥିଲା ଅଗ୍ନି ପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ । ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ । ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଂଚଳ ବାଳକର । ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖୁ ଥିଲେ ଆକାଶର । କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଂଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ । ପରମାଣୁ ବୋମା ଭିତରେ ବି ସେ ଦେଖୁଥିଲେ ଶାନ୍ତି ଓ ସବୁଜିମାର ସ୍ୱପ୍ନ । ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ଲ କଲାମଙ୍କ ଜନ୍ମଦିନ । ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ । ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା । ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା । ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି । ତେବେ ହ୍ୱିଲର ଦ୍ୱୀପରେ କ୍ଷେଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏନ୍ତୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ । କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକ ବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଦ୍ଧ କରାଗଲା । ସେହିପରି ସ୍ଥାନୀୟ ଅଂଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ଥଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ । ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର ନ୍ତନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିନ୍ଧାଣୀ । ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇ ଥିଲେ । ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇ ଥିଲେ । ୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇ ଥିଲେ । ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଂଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁର ସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ । ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ ବିତାଇ ଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଂଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱର ସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ । ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚିତ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ । ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱର ସ୍ଥିତ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ସମାବର୍ତନ ଉତ୍ସବରେ ଯୋଗ ଦେଇଥିଲେ । ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖିଥିଲେ । ରାଷ୍ଟ୍ରପତି ଦାୟିତ୍ୱ ପରବର୍ତୀ ସମୟରେ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇ କେବଳ ପିଲାମାନେ ନୁହଁନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ । ଦେଶକୁ ଦୁର୍ନୀତି ମୁକ୍ତ ଓ ଉତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ । ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ । ସେ ଥିଲେ ବହୁ ସ୍ୱପ୍ନର ନାୟକ । ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ । ୧୯୮୧ ରେ ସେ ପଦ୍ମଭୂଷଣ, ୧୯୯୦ ରେ ପଦ୍ମବିଭୂଷଣ ଓ ୧୯୯୭ ରେ ସେ ଭାରତ ରତ୍ନ ପାଇ ଥିଲେ । ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ । ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ । ୨୦୧୫ ଜୁଲାଇ ୨୭ ତାରିଖ ଦିନ ଆଇଆଇଏମ୍ ଶିଲଂର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ସମୟରେ ହୃଦଘାତରେ କଲାମ୍‌ଙ୍କ ପରଲୋକ ହୋଇଥିଲା ।

*କଟିକଟା, ମଙ୍ଗଳପୁର, ଯାଜପୁର :*
*୯୪୩୮୨୭୬୭୬୦*




# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ

◆ ଅକ୍ଷୟ କୁମାର ରାଉତ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ । ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ । ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପା□ଳର ଏକ ମଧ୍ୟବି□ ପରିବାରରେ ଜନ୍ମଗ୍ରହଣ କରିଥିଲେ । ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର । ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍ । ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ । ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ । ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ । କଲାମ ରାମେଶ୍ୱର ଏଲିମେସଂଟାରୀ ବିଦ୍ୟାଳୟରେ ପଂଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି । ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ । ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରି ପାରି ନଥିଲେ । କଲାମଙ୍କୁ ଉଠାଇ ଶେଷ ବେ□ରେ ବସିବାକୁ କହିଲେ । ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ । ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ । ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକି ଥିଲେ । ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛି□ାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ । କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ । କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଂଚିଲେ । ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ । କଲାମ ରାମେଶ୍ୱରମ ଏଲିମେଂଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେ□ ଯୋସେଫ୍ କଲେଜରେ ଅଧ୍ୟୟନ କଲେ । କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ । କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ । ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା । ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ । ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ । କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ । ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ । ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ । ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେ□ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ । ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ । ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ । ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ । ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ । ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ । କଲାମ ବାଙ୍ଗାଲୋର୍ ସ୍ଥିତ ବୈମାଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଚ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ । ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା । ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଂଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେ□ ପ୍ରୋଗ୍ରାମ ଆରମ୍ଭ କରିଥିଲେ । ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଟକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି । ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ । ୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ । ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା । କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ । କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ । ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା । ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ । କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି । ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ' । କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ । ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଂଚଟି କଥା କହିଥିଲେ । ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ । ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା । ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା । ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ । ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା । ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ । କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ । ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀ ମାନଙ୍କୁ ଗଭୀର ସମ୍ମାନ କରୁଥିଲେ । ସେ ମୁସଲିମ୍ ପରିବାରରେ ଜନ୍ମ ହୋଇ ଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ । ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ । ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ । ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ । ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ । ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା । ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା । ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ । ତାଙ୍କର ପ୍ରତିଭା, ଯଶ, କୀର୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ ।

*ମୋ-୯୯୩୭୬୯୧୪୭୫*

ଧର୍ମଧାରା





# ଶ୍ରାବଣରେ ଶିବାଭିଷେକ

ପ୍ରକୃତି ହେଉଛି ଶିବଙ୍କର ସ୍ୱରୂପ । ବେଦରେ ପ୍ରକୃତି ଏବଂ ମନୁଷ୍ୟର ସମ୍ପର୍କ ଅତି ନିବିଡ଼ ବୋଲି କୁହାଯାଇଛି । ବର୍ଷର ପଂଚମ ଶ୍ରାବଣ ମାସଟି ଶିବ ପୂଜା ନିମନ୍ତେ ବେଶ ମହତ୍ୱ ରଖେ । ଏହି ମାସକୁ ବିଶେଷ ଭାବେ ବର୍ଷ ମାସ ବୋଲି ବିଚାର କରାଯାଏ । ଏହି ଅବସରରେ ଚାରିଆଡ଼େ ଜଳର ପ୍ରାବଲ୍ୟ ଦେଖାଦିଏ । ତେଣୁ ସ୍ୱତନ୍ତ୍ର ଭାବେ ଏହି ମାସରେ ଶିବଙ୍କୁ ଜଳାଭିଷେକ କରାଯାଏ । ଏହି ଜଳାଭିଷେକ କରିବା ଦ୍ୱାରା ମନୁଷ୍ୟ ସୁଖ-ସମୃଦ୍ଧି, ଧନ-ମାନ, ଜ୍ଞାନ-ଜନ, ଆୟୁଷ ପରି ସମସ୍ତ ଭୌତିକ ସୁଖ ପ୍ରାପ୍ତ ହୁଏ । ବ୍ୟବହାରିକ ରୂପରେ ଶ୍ରାବଣ ମାସରେ ଶିବଙ୍କ ପୂଜା କରିବା ଅର୍ଥ ପ୍ରକୃତିର ପୂଜା କରିବା । ବର୍ତମାନ ଶ୍ରାବଣ ମାସ ଆରମ୍ଭ ହୋଇଯାଇଛି । ଏହି ମାସ ହେଉଛି ଭଗବାନ ଶିବଙ୍କ ମାସ । କୁହାଯାଏ ଯେ ଏହି ମାସରେ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୁଏ ଓ ଆଶୀର୍ବାଦ ମଧ୍ୟ ମିଳେ । କାରଣ ହିନ୍ଦୁ ଧର୍ମ ଅନୁସାରେ ଶ୍ରାବଣ ମାସରେ କରାଯାଉଥିବା ଶିବଙ୍କ ପୂଜା ଅର୍ଚ୍ଚନା ଦ୍ୱାରା ଶୀଘ୍ର ହିଁ ଶୁଭଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଲୋକମାନଙ୍କ କହିବାନୁଯାୟୀ ଏହି ମାସରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଭୂଲୋକରେ ଭ୍ରମଣ କରିବାକୁ ଆସନ୍ତି ଓ ଭକ୍ତଙ୍କ ସବୁ ଦୁଃଖ କଷ୍ଟ ଦୂର କରନ୍ତି । ଯଦି ଘରର କିଛି ସଦସ୍ୟ ଅସାଧ ରୋଗରେ ପଡ଼ନ୍ତି, ତେବେ ପରିବାରର କୌଣସି ସଦସ୍ୟଙ୍କ ଦ୍ୱାରା ଶିବଙ୍କ ପୂଜା ଅର୍ଚ୍ଚନା କରାଯାଇଥାଏ । ଶ୍ରାବଣର କୌଣସି ସୋମବାରରେ ପାଣି ଓ କ୍ଷୀରରେ ତିଲକ ପକାଇ ଶିବଲିଙ୍ଗାଭିଷେକ କରିବା ସହିତ ଆପଣ ୧୧ ହଜାର, ୨୨ ହଜାର ବା ୧.୨୫ ଲକ୍ଷ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ଉଚିତ । ଏହାଦ୍ୱାରା ଆପଣଙ୍କ ଲାଭପ୍ରଦ ହୋଇଥାଏ ବୋଲି କୁହାଯାଏ । ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ପୂର୍ବରୁ ପଣ୍ଡିତଙ୍କ ସହିତ ପରାମର୍ଶ କରି ମନ୍ତ୍ର ପାଠ କରିବା ଉଚିତ କାରଣ ମନ୍ତ୍ର ପାଠ କରିବା ସମୟରେ କୌଣସି ବି ନିୟମ ପାଳନ ଅନିବାର୍ଯ୍ୟ ଅଟେ । ସୁଖଶାନ୍ତି ନିମନ୍ତେ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ । ଏହି ଆରାଧନା ସମୟରେ ଶିବଙ୍କୁ ବିଭିନ୍ନ ପ୍ରକାରର ମନ୍ତ୍ର, ସ୍ତୋତ୍ର ଏବଂ ସ୍ତୁତି ମାଧ୍ୟମରେ ଗୁହାରୀ କରିବା ଉଚିତ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହାଦ୍ୱାରା ଶୀଘ୍ର ସନ୍ତୁଷ୍ଟ ହୋଇଥାନ୍ତି ଶିବ । ତେବେ ଆହୁରି ଶୀଘ୍ର ଶିବଙ୍କୁ ସନ୍ତୁଷ୍ଟ କରି ଶାନ୍ତିରେ ରହିବା ପାଇଁ ହେଲେ ଶାସ୍ତ୍ରରେ କୁହାଯାଇଛି ଯେ, ସଠିକ୍ ଦିଗ ଏବଂ ନିର୍ଦ୍ଦିଷ୍ଟ ସମୟରେ ଏହି ମନ୍ତ୍ର, ସ୍ତୋତ୍ର ଆଦି ସ୍ମରଣ କରିବା ଉଚିତ । ସକାଳ ସମୟରେ ଶିବଙ୍କ ଆରାଧନା କରିବାକୁ ଚାହୁଁଥିଲେ ପୂର୍ବ ଦିଗକୁ ମୁହଁ କରି ମନ୍ତ୍ର, ସ୍ତୋତ୍ର ଜପ କରିବା ଉଚିତ । ସନ୍ଧ୍ୟା ସମୟରେ ଶିବଙ୍କ ଆରାଧନା କରିବାକୁ ଚାହୁଁଥିଲେ ପଶ୍ଚିମ ଦିଗକୁ ମୁହଁ କରି ବସି କାମନା ସିଦ୍ଧି ପାଇଁ ଶିବଙ୍କୁ ସ୍ମରଣ କରନ୍ତୁ । ରାତି ସମୟରେ ଶିବଙ୍କୁ ପୂଜା କରିବାକୁ ଚାହୁଁଥିଲେ ଉତର ଦିଗକୁ ମୁହଁ କରି ପୂଜା କରିବା ଉଚିତ ହୋଇଥାଏ । ଏହାକୁ ଧ୍ୟାନରେ ରଖି ଆପଣ ମନ ଇଚ୍ଛା ଶିବଙ୍କ ପୂଜା ଯେଉଁ ସମୟରେ ଚାହିଁବେ କରିପାରିବେ ଏବଂ ସୁଖଶାନ୍ତିରେ ରହିପାରିବେ ।

# ହର ହର ମହାଦେବଙ୍କ ମହାତତ୍ତ୍ୱ : ବୋଲବମ୍ ଯାତ୍ରା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଶ୍ରାବଣ ମାସକୁ ମାସୋତମ କୁହାଯାଏ । ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ । ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ । ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି । ଏହି ମାସରେ ଆଶା ପୂର୍ଣ୍ଣ ହୁଏ । ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ । ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତିର ମାସ । ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ । ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି । ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଂଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ । ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି । ଭଗବାନ ଶିବଙ୍କ ମୂର୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକା ଜଗତ । ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି । ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି । ଏହାଫଳରେ ସେଠାରେ ସର୍ବଦା ଓଁ ଓଁ - ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି । ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ । ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ନ୍ତଶିବ' ଶବ୍ଦର ଅର୍ଥ ମଙ୍ଗଳ । ନ୍ତଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ । ଶିବ ଶବ୍ଦର ଉତ୍ପତି ଶୀ - ଧାତୁ ଠାରୁ । ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ । ଶିବଙ୍କର ଆଉ ଏକ ନାମ ଶମ୍ଭୁ । ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା । ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି । ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ । ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି । ନନ୍ଦୀ ଶବ୍ଦର ଉତ୍ପତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଂଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ । ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି । ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ । ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ । ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ । ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି । ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର । ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ । ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରି ରଖିଛନ୍ତି । ତ୍ରିଶୂଳ ମହାଦେବଙ୍କ ଅସ୍ତ୍ର । ଦୁଷ୍ଟ ଦାନବ ନିଧନ ନିମିତ ଏହି ତ୍ରିଶୂଳ ଉଦ୍ଦିଷ୍ଟ । ଏହା ସାଙ୍ଗରେ ଅଛି ଡମ୍ବରୁ । ସେଥିପାଇଁ କୁହାଯାଏ ସେ ଡମ୍ବରୁଧର । ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ । ଶିବଙ୍କର ପାଂଚଟି ମୁଖ, ଏହି ପାଂଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି । ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର । ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ । ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ । ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ । ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ । ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତମ । ତନ୍ତ୍ରଶାସ୍ତ୍ରରେ ଅଛି ନ୍ତଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ଇଷ୍ଟ ହେଲେ ଶିବ ରାଖିବାରେ ନାରେ' । ଶିବଙ୍କର ଅନ୍ୟଏକ ନାମ ମୃତ୍ୟୁଞ୍ଜୟ । ଏହି ଶିବ ବ୍ୟକ୍ତିତ୍ୱଙ୍କୁ ପୂଜା ଓ ଭକ୍ତି ମାଧ୍ୟମରେ ଚାରିତ୍ରିକ ଦ୍ୟୁତିରେ ମନୁଷ୍ୟ ମୃତ୍ୟୁକୁ ଜୟ କରିପାରେ । ଶିବ ଅତି ଶୀଘ୍ର ପରିତୁଷ୍ଟ ହୁଅନ୍ତି ବୋଲି ତାଙ୍କର ଅନ୍ୟ ଏକ ନାମ ଆଶୁତୋଷ । ଇଷ୍ଟଗୁରୁଙ୍କୁ ତୁଷ୍ଟ କଲେ ଶିବ ତୁଷ୍ଟ ହୁଅନ୍ତି । ଶିବଙ୍କର ଉପାସକମାନେ ଶୈବ ନାମେ ପରିଚିତ । ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା । ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ । ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି ।

*ସହ-ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ : ୯୪୩୭୦୫୧୯୫୭*

# ଶ୍ରାବଣ ଯାତ୍ରା : ବୋଲ୍‌ବମ୍

*ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ । ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରୈମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି ।*

ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ । ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି । ଦେବତା ଓ ଅସୁରମାନଙ୍କ ଦ୍ୱାରା କରାଯାଇଥିବା ସମୁଦ୍ର ମନ୍ଥନ ଯୋଗୁଁ ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା । ଦେବତାମାନଙ୍କ ଅନୁରୋଧକ୍ରମେ ମହାଦେବ ସେହି ବିଷପାନ କରିଥିଲେ । ଫଳରେ ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ବିଷପାନ ଯନ୍ତ୍ରଣାରୁ ଲାଘବ କରିବା ପାଇଁ ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢ଼ାଳିଥିଲେ । ଶିବଙ୍କ ଠାରୁ କୃପା ଲାଭ କରିବା ଶ୍ରାବଣମାସରେ ପ୍ରତିବର୍ଷ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଇଆସୁଛି । ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି । ଏହି କାରଣରୁ ପୂର୍ବେ ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି । ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡି ବା କାଉଁରି ଭାର । କାଉଡି ବା କାଉଁରି ଅର୍ଥ ବାହୁଙ୍ଗି । ଏହାକୁ ଯେଉଁମାନେ ମୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡିଆ ବା କାଉରିଆ । ଏମାନେ ଭାର ବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥାନ୍ତି । ତାହା ହେଉଛି - ବୋଲେବମ୍ ହରେବମ୍ ବମ୍ ବମ୍ ଭୋଲେ । ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି । ବମ୍ ବମ୍ ହେଉଛି ଗାଲ ବାଦ୍ୟର ଶବ୍ଦ । ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ । ଏମିତି ଡ଼ାକି ଡାକି କାଉଡିଆମାନେ ରାସ୍ତାସାରା ଚାଲିଥାନ୍ତି । ଏହାଦ୍ୱାରା ମଧ୍ୟ ପଥଚଲା କଷ୍ଟ ଲାଘବ ହୋଇଯାଏ । ଏମାନଙ୍କର ପୋଷାକ ସ୍ୱତନ୍ତ୍ର । ନାଲି ଅଥବା ହଳଦିଆ । ଖାଲି ପାଦ । କାନ୍ଧରେ ଭାର । ସବୁରେ ଶିବ ସଂକେତ । ସେମାନେ ଯେଉଁ ଢ଼ଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି ନ୍ତସ୍କନ୍ଧେଚ ବାମରଂ ଦୃଢ୍ୱା ବମ୍‌ବମ୍ ପ୍ରୋଜ୍ୟ କ୍ଷଣେକ୍ଷଣେ, ପଦେ ପଦେ ଅଶ୍ୱମେଧସ୍ତ ଅକ୍ଷୟ ପୁଣ୍ୟମ୍ ସୁତେ ।' କାନ୍ଧରେ କାଉଡି ଭାରବୋହି ବୋଲବମ୍ ଡାକଦେଇ ଯିବା ଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ । ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ । ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ । ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ । ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ । ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ । ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ ।



ଓଡ଼ିଶାରେ ଏହି ଯାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କେଉଁ କେଉଁ ଭକ୍ତମାନେ କଟକରୁ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଜଳ ଢ଼ାଳନ୍ତି ତ ଆଉ କିଏ ପୁରୀର ଲୋକନାଥ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଢେଙ୍କାନାଳର କପିଳାସ ମନ୍ଦିର ଆଦିରେ ପାଣି ଢ଼ାଳନ୍ତି । ଏହି ଧାର୍ମିକ ଯାତ୍ରାରେ କାଉଡିଆଙ୍କ ସେବା ଶୁଶ୍ରୁଷା ତଥା ଯାତ୍ରା କଷ୍ଟ ଲାଘବ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ତଥା ସାଧାରଣ ଜନତା ରାସ୍ତାକଡ଼ରେ ବିଶ୍ରାମସ୍ଥଳ ଓ ଜଳଯୋଗର ବ୍ୟବସ୍ଥା ମଧ୍ୟ କରିଥାନ୍ତି । କାଉଡିଆ ପାଇଁ କିଛିଟା ସ୍ୱତନ୍ତ୍ର ନିୟମ ଅଛି । ଏହି ନିୟମାନୁଯାୟୀ ଭାରବୋହି ନେଲାବେଳେ ଭାରକୁ ଭୂମିରେ ଥୋଇବେ ନାହିଁ, ସେମାନେ ଏହି କାଳରେ ସାତ୍ୱିକ ଖାଦ୍ୟ ଗ୍ରହଣ କରିବେ । ଅର୍ଥାତ୍ ମଦ, ମାଂସ ଓ ମାଛ ଇତ୍ୟାଦି ଖାଦ୍ୟ ଗ୍ରହଣ କରିବେ ନାହିଁ । ମନରେ ମନ୍ଦ ବା ଅଶ୍ଳୀଳ ଅଥବା ପରର ଅନିଷ୍ଟ ଚିନ୍ତା କରିବେ ନାହିଁ । କ୍ରୋଧ, ଲୋଭ, ମୋହ ଅଥବା କୁକର୍ମ ତ୍ୟାଗ କରିବା ଉଚିତ । ଅନ୍ୟର ଜଳ ଗ୍ରହଣ କରିବା ଠାରୁ ଦୂରେଇ ରହିବା, ନିୟମିତ ସ୍ନାନ ଓ ପୂଜା କରିବା, କେଶ ଓ ନଖ କାଟିବା ଅନୁଚିତ, ଭୂମିରେ ବସ୍ତ୍ର ବିଛେଇ ଶୟନ କରିବା, ଦେହ ଓ ମନରେ କେବଳ ଶିବଙ୍କୁ ରଖିଲେ ଏ ଯାତ୍ରା ସଫଳ ହୁଏ । କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାକୁ ପୂଜନ କରି ଜଳକୁ ତମ୍ବା, ପିତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ । ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି । କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ । ଜଳସ୍ରୋତରୁ ଥରେ ଜଳ ଭରିକରି ତାକୁ ଅଭିଷ୍ଟ କର୍ମ ପୂର୍ବ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ । ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଯାଗାରେ ରଖିବା ଉଚିତ । ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ । ଯଦି କୌଣସି ବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭରି ଯାତ୍ରା କରିବା ଉଚିତ । ସୂର୍ଯ୍ୟୋଦୟର ଦୁଇ ଘଂଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘ[। ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି । ରାତ୍ର ସମୟରେ ବିଶ୍ରାମ ସ୍ଥଳରେ ରହି କାଉଡିଆମାନେ ମହାଦେବଙ୍କ ମନ୍ତ୍ର ତଥା ଭଜନ କରିବା ଉଚିତ । ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ । ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ । ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ । ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ । ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ । ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ । ଏହି ଯାତ୍ରା କରିବା ଦ୍ୱାରା ଭକ୍ତଙ୍କୁ ମାନସିକ ପ୍ରସନ୍ନତା, ମନରୋଗ, ଆର୍ଥିକ ସମସ୍ୟା ଦୂର ହୋଇଥାଏ । ଦିନକୁ ଦିନ କାଉଡିଆଙ୍କ ସଂଖ୍ୟା ବଢ଼ି ଚାଲିଛି । ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡିଆମାନେ ଏଥିରେ ସଂପୃକ୍ତ । ଏହି ଯାତ୍ରା ସଫଳ କରିବାପାଇଁ ବିଭିନ୍ନ ସଂସ୍ଥା ମଧ୍ୟ କିଛି ମହତ କାର୍ଯ୍ୟ କରିଥାନ୍ତି । ଯେପରି କାଉଡିଆ ପାଇଁ ପୋଷାକ, ବିଶ୍ରାମସ୍ଥଳ, ଖାଦ୍ୟ ଓ ସେବା ଶୁଶ୍ରୁଷା ଇତ୍ୟାଦି କରିଥାନ୍ତି । ଏହା ପଛରେ ଲୋକଙ୍କ ମନରେ ଶ୍ରଦ୍ଧା, କର୍ମ ଧର୍ମ ଭାବ ଜାଗ୍ରତ ହୋଇଥାଏ । ନିଃସ୍ୱାର୍ଥ ଭାବରେ ଯେଉଁ ସେବାକରନ୍ତି ତାହା ଭଗବାନଙ୍କ ସେବା ବୋଲି ଲୋକମାନେ ମନେ କରିଥାନ୍ତି । କାଉଡିଆମାନେ ଜଳପାତ୍ରକୁ ପ୍ରଣାମ କରିବା ଉଚିତ ।

# ଆମ ସଂସ୍କୃତିରେ ବୋଲ୍‌ବମ୍

◆ ପଣ୍ଡିତ ଦୈତ୍ୟାରି ମହାପାତ୍ର

ଆମ ସଂସ୍କୃତିରେ "ବୋଲ୍‌ବମ୍" ଏକ ପାରମ୍ପରିକ ପର୍ବ । ଏହି ପର୍ବରେ ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଭଗବାନ ମଙ୍ଗଳମୟ ଶିବଙ୍କ ମସ୍ତକରେ ଜଳଢ଼ାଳି ତାଙ୍କୁ ସନ୍ତୁଷ୍ଟ କରାଯାଏ । ଫଳରେ ଭଗବାନ ଶିବ ସନ୍ତୁଷ୍ଟ ହୋଇ ଅଭୟବର ପ୍ରଦାନ କରିଥାନ୍ତି । ଏହାଦ୍ୱାରା ଭକ୍ତର ମନବାଞ୍ଛା ପୂରଣ ହେବାସହିତ ସମସ୍ତ ପ୍ରକାରର ମଙ୍ଗଳ ହୋଇ ଥାଏ । ଆମ ପୁରାଣ ଶାସ୍ତ୍ର କହେ, ସତ୍ୟ ଯୁଗରେ ଦେବକୋଳ ବୋଲ୍‌ବମ୍ ପର୍ବ ପାଳନ ପୂର୍ବକ ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ନିଜ ନିଜର ଦେବ ଲୋକ ଫେରି ପାଇଥିଲେ । ତ୍ରେତୟା ଯୁଗରେ ରାଜା ଦଶରଥ ଏବଂ ଶ୍ରୀରାମ, ଦ୍ୱାପର ଯୁଗରେ ପାଣ୍ଡବମାନେ ଏବଂ କଳି ଯୁଗରେ ଗଙ୍ଗବଂଶୀୟ ରାଜା ମାନେ ବୋଲ୍‌ବମ୍ ବା ଶ୍ରାବଣୀ ପର୍ବ ପାଳନ କରି ସମସ୍ତ ଅଭୀଷ୍ଟ ପୂରଣ କରିପାରିଥିଲେ । ତ୍ରେତୟା ଯୁଗରେ ଅଯୋଧ୍ୟାକୁ ମରୁଡ଼ି ପଡିଥିଲା । ପ୍ରଜାମାନେ ଖାଇବାକୁ ପାଇଲେ ନାହିଁ । ପାଣିପାଇଁ ଗ୍ରରି ଆଡ଼େ ହାହାକାର ପଡିଗଲା । ଠିକ୍ ସେହି ସମୟରେ ଗୁରୁ ବଶିଷ୍ଠଙ୍କ ପରାମର୍ଶ ଅନୁଯାୟୀ ରାଣୀମାନଙ୍କ ସହିତ ରାଜା ଦଶରଥ ଶ୍ରାବଣ ମାସରେ ବିଧିବିଧାନର ସହିତ ଶିବଙ୍କୁ ଜଳାଶାୟୀ କରାଇଥିଲେ । ତାଙ୍କ ପୂଜାରେ ଭଗବାନ ଶିବ ସନ୍ତୁଷ୍ଟ ହୋଇଥିଲେ । ଫଳରେ ଶିବଙ୍କ କୃପାରୁ ଅଯୋଧ୍ୟାରେ ବୃଷ୍ଟି ହୋଇଥିଲା । ସେହି ଦିନ ଠାରୁ ଅଯୋଧ୍ୟାଧିପତି ନିଜ ରାଜ୍ୟର ମଙ୍ଗଳପାଇଁ ପ୍ରତିବର୍ଷ ଶ୍ରାବଣ ମାସରେ ଶିବ ମସ୍ତକରେ ଜଳଢ଼ାଳି ନିଜର ମନକଥା ଭଗବାନଙ୍କ ନିକଟରେ ପ୍ରକାଶ କରିଥାନ୍ତି । କୁହାଯାଏ ସେହିଦିନରୁ ଅର୍ଥାତ୍ ତ୍ରେତୟା ଯୁଗରୁ ଏହି ଶ୍ରାବଣୀ ପର୍ବ ବିଧିବିଧାନର ସହିତ ପାଳନ କରାଯାଉଅଛି । ବହୁ ମୁନିଋଷି, ଦେବ, ଦାନବ, ଯକ୍ଷ, କିନ୍ନର ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଶ୍ରାବଣ ମାସରେ ଶିବଲିଙ୍ଗ



ମସ୍ତକରେ ଜଳଢ଼ାଳି ଶିବପୂଜା କରି ନିଜ ନିଜର ଅଭୀଷ୍ଟ ପୂରଣ କରିଥାନ୍ତି । ଏଣୁ ଏହି ପର୍ବ ହେଉଛି ଏକ ପାରମ୍ପରିକ ପର୍ବ । ଆମ ହିନ୍ଦୁ ସଭ୍ୟତାରେ ଶ୍ରାବଣୀ ବୋଲ୍‌ବମ୍ ପର୍ବ ଏକ ଶ୍ରେଷ୍ଠ ତଥା ପରାମ୍ପରିକ ଗଣ ପର୍ବରେ ପରିଣତ ହୋଇଛି । ଭଗବାନ ବ୍ୟାସ କହୁଛନ୍ତି-

*ନମସ୍କାର ପ୍ରିୟ ଭାନୁଃ, ଜଳଧାରା ପ୍ରିୟ ଶିବଃ, ଉପଚାର ପ୍ରିୟ ବିଷ୍ଣୁ, ବ୍ରାହ୍ମଣାଂ ଭୋଜନଂ ପ୍ରିୟ ।*

ଅର୍ଥାତ୍ ଭଗବାନ ସୂର୍ଯ୍ୟ ନମସ୍କାରରେ ସନ୍ତୁଷ୍ଟ ହୁଅନ୍ତି । ଭଗବାନ ଶିବ ଜଳଶାୟୀରେ ସନ୍ତୁଷ୍ଟ ହୁଅନ୍ତି । ଭଗବାନ ବିଷ୍ଣୁ ପୂଜାବିଧି ବା ଉପଚାରରେ ସନ୍ତୁଷ୍ଟ ହୁଅନ୍ତି ଏବଂ ବ୍ରାହ୍ମଣ ଦେବତା ଭୋଜନରେ ସନ୍ତୁଷ୍ଟ ହୋଇଥାନ୍ତି । ସନ୍ଥ ତୁଳସୀରାମଙ୍କ ଭାଷାରେ ଭଗବାନ ଶ୍ରୀରାମ ଚନ୍ଦ୍ର କହୁଛନ୍ତି-

*ଜୋ ଗଙ୍ଗାଜଲୁ ଆନି ଚଢ଼ାଇ ହି, ସୋ ସାୟୁଜ୍ୟ ମୁକ୍ତି ନର ପାଇ ହି । ଏକାନ୍ତ ଭକ୍ତିରେ ନିଷ୍ଠା ବିଶ୍ୱାସରେ, ଗଙ୍ଗାନଦୀ ଜଳ ଆଣି । ଖାଲିପାଦେ ଚ୍ଚଲିଭକ୍ତି ଭାବନାରେ ମହାଦେବ ଗୁଣ ଗୁଣି । ଶିବ ମସ୍ତକରେ ଜଳାର୍ପଣ କଲେ, ମନବାଞ୍ଛା ପୂର୍ଣ୍ଣ ହୁଏ । ସର୍ବ ଦେବଦେବୀ ଆଶିଷ କରିବେ, କାଳେକାଳେ ଯଶ ରହେ ।*

ଅର୍ଥାତ୍ ସନ୍ଥ ତୁଳସୀଦାସଙ୍କ ମତରେ ଭଗବାନ ଶ୍ରୀରାମଚନ୍ଦ୍ର କହୁଛନ୍ତି, ହେ ପ୍ରଜାବୃନ୍ଦ ! ତୁମେମାନେ ଯଦି ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ଗଙ୍ଗାରୁ ଜଳଆଣି କାନ୍ଧରେ ବୋହି ଖାଲି ପାଦରେ ଚ୍ଚଲିଚ୍ଚଲି ମାହଦେବଙ୍କ ମସ୍ତକରେ ଢ଼ାଳିବ ତେବେ ତୁମେମାନେ ନିଶ୍ଚିତ ଭାବେ ଇହ କାଳରେ ସାୟୁଜ୍ୟ ମୁକ୍ତି ପାଇବା ସଙ୍ଗେସଙ୍ଗେ ଶିବଲୋକରେ ପ୍ରମଥ ଗଣଙ୍କ ସହିତ ବାସକରିପାରିବ ।

*ଓଡ଼ିଆ ଭାଷା ସାହିତ୍ୟ ଗବେଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଭଦ୍ରକ, ଓଡ଼ିଶା, ମୋ-୮୭୬୩୫୪୮୨୦୨*

# ଅଶେଷ ପୂଣ୍ୟ ପ୍ରଦାନ କରେ ଶ୍ରାବଣ ସୋମବାର ବ୍ରତ

◆ ରଶ୍ମୀରେଖା ପରିଡ଼ା

*ଭୋଳାନାଥ ଅତ୍ୟନ୍ତ ସରଳସ୍ୱାଭାବୀ, ସର୍ବବ୍ୟାପୀ ତଥା ଭକ୍ତଙ୍କ ଡାକରେ ଶୀଘ୍ର ପ୍ରସନ୍ନ ହେଉଥିବା ଦେବତା । ଶ୍ରାବଣ ମାସରେ ଆଶୁତୋଷ ଭଗବାନଙ୍କ ଶିବଙ୍କୁ ପୂଜା କରାଯାଇଥାଏ । ବିଶେଷକରି ଶ୍ରାବଣ ସୋମବାର ଉମାପତିଙ୍କ ଅତିପ୍ରିୟ । ତେଣୁ ଶ୍ରାବଣ ମାସରେ ପ୍ରତିଦିନ ପୂଜା କରିପାରୁନଥିବା ଭକ୍ତ ସୋମବାର ବ୍ରତ ଅମାପ ପୂଣ୍ୟର ଅଧିକାରୀ ହୋଇଥାଏ । ଶ୍ରାବଣ ସୋମବାର ବ୍ରତରେ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କୁ ପୂଜା କରାଯାଇଥାଏ । ଶ୍ରାବଣ ସୋମବାର ବ୍ରତ ସୂର୍ଯ୍ୟୋଦୟ ଠାରୁ ଆରମ୍ଭ ହୋଇ ଦିନର ତୃତୀୟ ପ୍ରହର ପର୍ଯ୍ୟନ୍ତ କରାଯାଇଥାଏ । ଶିବପୂଜା ପରେ ସୋମବାର ବ୍ରତ କଥା ଶୁଣିବାର ଆବଶ୍ୟକତା ରହିଛି । ବ୍ରତ କରୁଥିବା ଦିନ ଥରେ ଭୋଜନ କରିବା ଆବଶ୍ୟକ ।*

ବ୍ରତଧାରୀ କ'ଣ କରିବେ : ଶ୍ରାବଣ ସୋମବାର ଦିନ ବ୍ରହ୍ମ ମୁହୂର୍ତରୁ ଉଠିବେ । ଘର ସଫା କରିବା ସହ ସ୍ନାନାଦି କାର୍ଯ୍ୟ ଶେଷ କରିବେ । ଗଙ୍ଗାଜଳରେ ଘର ଚାରିପାଖରେ ବାତାବରଣ ଶୁଦ୍ଧ କରିବେ । ଘରେ କୌଣସି ପବିତ୍ର ସ୍ଥାନ କିମ୍ବା ପୂଜା ଘରେ ଭୋଳାନାଥଙ୍କ ମୂର୍ତି କିମ୍ବା ଚିତ୍ରା କିମ୍ବା ଶିବଲିଙ୍ଗ ସ୍ଥାପନ କରିବେ । ଏହାପରେ ପୂଜା ସାମଗ୍ରୀ ଯେପରିକି - ଧୂପ, କ୍ଷୀର, ଦହି, ମହୁ, ଘିଅ, ଚିନି, ଯଜ୍ଞୋପବୀତ, ଚନ୍ଦନ, ବେଲପତ୍ର, ଭାଙ୍ଗ, ଦୁଦୁରା, ଅରଖ ଫୁଲ, ଧୂପ, ଦୀପ୍ତ ଆଦି ପୂଜା ସାମଗ୍ରୀ ପ୍ରସ୍ତୁତ କରି ନିଜେ କିମ୍ବା ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଇପାରିବେ । ଏହାପରେ ଶିବଙ୍କୁ ବନ୍ଦନା କରୁଥିବା ଯେକୌଣସି ମନ୍ତ୍ର ପୂର୍ଣ୍ଣ ନିଷ୍ଠା ଏବଂ ଶ୍ରଦ୍ଧାର ସହିତ ପାଠ କରିବେ । ଶିବଙ୍କୁ ନ୍ତଓଁ ନମଃ ଶିବାୟ' ପଂଚାକ୍ଷରୀ ମନ୍ତ୍ର କିମ୍ବା ନ୍ତଓଁ ନମଃ ଶିବାୟେ' ମନ୍ତ୍ର ଉଚ୍ଚାରଣ କରି ପୂଜା କରାଯାଇପାରିବ । ଦେବୀ ପାର୍ବତୀଙ୍କୁ ଷୋଡ଼ଶ ଉପଚାର ପୂଜା ଦ୍ୱାରା ବନ୍ଦନା କରିବା ଉଚିତ । ଏହାପରେ ଆଳତୀ କରି ପ୍ରସାଦ ବିତରଣ କରିବା ପରେ ଭୋଜନ କିମ୍ବା ଫଳାହାର ଗ୍ରହଣ କରିବା ଉଚିତ । ସୋମବାର ବ୍ରତ ନିୟମିତ କରିବା ଦ୍ୱାରା ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ଜୀବନରେ ଧନ-ଧାନ୍ୟ ପ୍ରାପ୍ତ ହୁଏ । ଜଟାଧାରୀ, ଜଳାଧାରୀ, ଜଟାଶଙ୍କର ଭଗବାନ ଭକ୍ତଜନଙ୍କ ସମସ୍ତ ଅନିଷ୍ଟ ଦୂର କରିଥାନ୍ତି ।



*ମରିଚପୁର, ବାଲିକୁଦା, ଜଗତସିଂହପୁର*





# ସାରସକ୍ଷେତ୍ରରେ ନବଦିନ ବ୍ୟାପି ରଥ ମହୋତ୍ସବ ଓ ବାହୁଡ଼ାଯାତ୍ରା





ବାରିପଦା(ନିପ୍ର): ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ହର୍ଷୋଲ୍ଲାସ ଓ ବିପୁଳ ଭକ୍ତ ସମାଗମ ମଧ୍ୟରେ ମହାପ୍ରଭୁ ଶ୍ରୀଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ଆଡପ ମଣ୍ଡପରେ ବିଜେକରି ତା.୧୮.୭ ରୁ ୨୩.୭.୨୦୨୬ ଭକ୍ତମାନଙ୍କୁ ଦର୍ଶନ ଦେବା ସହିତ ମାଉସୀ ମା' ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଆପଣାର ଅଲୌକିକ ବେଶ ଯଥା, ମୀନ, କଚ୍ଛପ, ବରାହ, ନୃସିଂହ, ବଳିବାମନ, ଶ୍ରୀରାମ, ପର୍ଶୁରାମ, ବାଙ୍କଚୂଳ, କୃଷ୍ଣ ବଳରାମ ପ୍ରଭୃତି ଦିବ୍ୟ ସ୍ୱରୂପରେ କୃପାଦର୍ଶନ କରାଇଥିଲେ । ଦିଅ ?ଁଗଣଙ୍କ ଏହି ଅଲୌକିକ ବେଶ ଓ ରୂପ ସଂରଚନାର ସେବା ଦେଇଥିଲେ ଅଂଚଳର ବିଶିଷ୍ଟ ଚିତ୍ରଶିଳ୍ପୀ ଆଲୋକ ମିଶ୍ର । ତାରିଖ ୧୯.୭.୨୬, ୨୦.୭.୨୦୨୬, ୨୧.୭.୨୬, ୨୨.୭.୨୦୨୬ ଏବଂ ୨୩.୭.୨୬ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ସାଂସ୍କୃତିକ ମଣ୍ଡପରେ ଯଥାକ୍ରମେ ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ଭଜନ ସନ୍ଧ୍ୟା ବାରିପଦା, ସ୍ଥାନୀୟ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ, ହରିହର କଳା ମନ୍ଦିର ବାରିପଦା ଏବଂ ନିକଟସ୍ଥ ପୋଖରିଆ ଛଉନୃତ୍ୟ ପ୍ରତିଷ୍ଠାନର କଳାକାର ମାନେ ଓଡ଼ିଶୀ, ଝୁମର, ଛଉ, ଜଗନ୍ନାଥ ଭଜନ ଆଧାରିତ ନୃତ୍ୟ ନାଟିକା, ଆଦିବାସୀ ନୃତ୍ୟ, ଲୋକନୃତ୍ୟ ଓ ଆଧ୍ୟାତ୍ମିକ ଭଜନ ଆଧାର ନୃତ୍ୟସଙ୍ଗୀତର ଆସରମାନ ପ୍ରସ୍ତୁତ କରିଥିଲେ । ଗୁଣ୍ଡିଚା ମହୋତ୍ସବର ନବମ ଦିବସ ଅପରାହ୍ନ ସଞ୍ଜୟ କୁମାର ଭୋଳଙ୍କ ନେତୃତ୍ୱରେ ସ୍ଥାନୀୟ ସାରସକଣା ଯୁବ ସଂକୀର୍ତନ ଦଳଙ୍କ ହରିନାମ, ଜୟଧ୍ୱନି, ହରିବୋଲ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ଘୋଷ, ଶିକ୍ଷିକା ବନ୍ଦନା ମହାପାତ୍ର, ରୀତା ମିଶ୍ର ଓ ବିଜ୍ଞାନ ସହାୟିକା ସରସ୍ୱତୀ ନାଏକଙ୍କ ତତ୍ତ୍ୱାବଧାନରେ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କ ସମୁହ ଶଙ୍ଖଧ୍ୱନି ଓ ଗ୍ରାମା*ଳର ମା' ମାଉସୀଙ୍କ ହୁଳହୁଳି ଭିତରେ ଦିଅଁମାନେ ଭକ୍ତଗହଣରେ ଗୋଟି ପହଣ୍ଡିରେ ଆସି ବାହୁଡ଼ାଯାତ୍ରା ପାଇଁ ରଥାରୂଢ଼ ହୋଇଥିଲେ । ସ୍ୱଚ୍ଛତା ସେବାର ଅନ୍ୟତମ ସଦସ୍ୟା ପ୍ରତିଭା ସାହୁଙ୍କ ତଦାରଖରେ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସହାୟିକାମାନେ ବିଯାତ୍ରାରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଯୋଗାଇ ଥିଲେ । ଜୀଉଗଣଙ୍କ ପହଣ୍ଡି କାର୍ଯ୍ୟକ୍ରମରେ ସେବାୟତ ସର୍ବଶ୍ରୀ ଅମର ବିକାଶ ଷଡ଼ଙ୍ଗୀ, ଅବିନାଶ କର, ଅଜିତ ଷଡ଼ଙ୍ଗୀ, ସମ୍ୟଦତ କର, ଅତନୁ କର, ନାରାୟଣ ମହାକୁଡ଼ ଏବଂ ଶ୍ରୀଜଗନ୍ନାଥ ପ୍ରଚାର ପ୍ରସାର ସମିତିର ସଭ୍ୟ/ସଭ୍ୟା ସର୍ବଶ୍ରୀ ପ୍ରଶାନ୍ତ କୁମାର ସାହୁ, ନବକିଶୋର ସେଠୀ, ମନରଞ୍ଜନ ସାହୁ, ବ୍ରଜ ଗୋପାଳ ଭୋଳ, ଦୟାନିଧି ସାହୁ, ରତିକାନ୍ତ ସେଠୀ, ବନାନୀ ମହାପାତ୍ର, ତପନ କୁମାର ଦଣ୍ଡପାଟ, ସୁବାସ ଚନ୍ଦ୍ର ସାହୁ ଓ ଦୁର୍ଗା ପ୍ରସାଦ ନନ୍ଦୀ ପ୍ରମୁଖ ସହାୟତା କରିଥିଲେ । ରଥରେ ଛେରା ପହଁରା କରିଥିଲେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଯତୀନ ଚନ୍ଦ୍ର ସାହୁ । ରଥୋପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆବାହନି ମନ୍ତ୍ରପାଠ ଓ ପୂଜା ନିବେଦନ କରିଥିଲେ ଦେଉଳ ପୁରୋହିତ ପଣ୍ଡିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର, ଦିବ୍ୟ ସୁନ୍ଦର କର ଓ ପୂର୍ଣ୍ଣଚନ୍ଦ୍ର ଉପାଧ୍ୟାୟ । ବାଙ୍ଗିରୀପୋଷୀର ସ୍ୱନାମଧନ୍ୟା ନୃତ୍ୟଶିଳ୍ପୀ ସ୍ନିଗ୍ଧା ଶ୍ରୀ ମହାନ୍ତି ରଥଦାଣ୍ଡରେ ମହାପ୍ରଭୁଙ୍କ ସେବାରେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବ ଦିନ ପାଗ ଅନୁକୂଳ ହେବା ଯୋଗୁଁ କ୍ଷେତ୍ରରେ ଅନୁନ୍ୟ ପ୍ରାୟ ୩୦ ହଜାର ଭକ୍ତ ଓ ପୂଜାରିଣୀ ଯୋଗଦାନ ପୂର୍ବକ ଶୃଙ୍ଖଳାର ସହ ରଥଟାଣି ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଆଣି ପହ*ାଇ ଥିଲେ । ଧାରାବିବରଣୀ ଦେଇଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଡଃ ଉପେନ୍ଦ୍ର ନାଥ ସାହୁ ଓ ପ୍ରଖ୍ୟାତ ଭାଷ୍ୟକାର ଅଧ୍ୟାପକ ସମରେନ୍ଦ୍ର କୁମାର ବଶା । ରଥଟଣାର ଗତି ନିରୀକ୍ଷକ କାର୍ଯ୍ୟ ସମ୍ପାଦନ କରିଥିଲେ ହିମାଂଶୁ ଶେଖର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ସୁରଥ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ମନୋଜ କୁମାର ସାହୁ ଓ ତପନ କୁମାର ସାହୁ (ତପ) । ମହାରଣା ଗୋଲକ ଦଣ୍ଡପାଟ, ମୋହନା ବେହେରା, ରବି ବେହେରା ଓ ସୁରୁ ସିଂ ସହଯୋଗ କରିଥିଲେ । ରଥଟଣା ଶେଷ ହେଲାପରେ ସବୁବର୍ଷ ଭଳି ଏବର୍ଷ ମଧ୍ୟ ସାରସକ୍ଷେତ୍ର ରଥଯାତ୍ରା ଆୟୋଜନ କମିଟି ତରଫରୁ ଗୁଡଲଡ୍ଡୁ, ବୁନ୍ଦି, ଗୁଆଘିଅ ଚୂଡାଘସା ପ୍ରସ୍ତୁତି ମହାପ୍ରଭୁଙ୍କ ପ୍ରସାଦ ସମସ୍ତ ଭକ୍ତଜନଙ୍କୁ ବିତରଣ ହୋଇଥିଲା । ପ୍ରସାଦ ବଂଟନରେ ଅଂଶଗ୍ରହଣ କରିଥିଲେ ଅତୁଲ ଚନ୍ଦ୍ର ଦାସ, ସୁଧୀରଞ୍ଜନ ସାହୁ ଏବଂ ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ ସ୍କୁଲର ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ । ଜୟଦୁର୍ଗା ଯୁବକ ସଂଘ ସାରସକଣାର ସଦସ୍ୟ/ସଦସ୍ୟା ଏବଂ ସ୍ଥାନୀୟ ଯୁବସମାଜ ମଧ୍ୟ ପ୍ରସାଦ ବଂଟନରେ ଭାଗ ନେଇଥିଲେ । ଉତ୍ସବରେ ଝାରପୋଖରୀଆ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଅଧ୍ୟାପକ ମାନସ କୁମାର ପତି ଓ ଅଧ୍ୟାପିକା ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶରତ ପାଲ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପଚାଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭକ୍ତମାନଙ୍କୁ ଦହି ସରବତରେ ଆପ୍ୟାୟିତ କରିବା ସହିତ ରଥ ଚାରିକଡରେ କର୍ଡନ୍ ନିର୍ମାଣ କରି ଭିଡ ନିୟନ୍ତ୍ରଣରେ ସହାୟତା କରିଥିଲେ । ବାହୁଡ଼ା ପରଦିନ ପବିତ୍ର ବଡ଼ ଏକାଦଶୀରେ ମହାପ୍ରଭୁ ରଥ ଉପରେ ଏକାଦଶୀ ବ୍ରତ ପାଳନ ପୂର୍ବକ ଭକ୍ତଙ୍କୁ ସୁନା ବେଶରେ ଦର୍ଶନ ଦେଇ ନୀଳାଦ୍ରି ବିଜୟରେ ବାହାରିବାର କାର୍ଯ୍ୟକ୍ରମ ରହିଛି । ଶୃଙ୍ଖଳିତ ରଥଯାତ୍ରା ପାଇଁ ମନ୍ଦିର ପରିଚାଳନା କମିଟି ତରଫରୁ ଟ୍ରଷ୍ଟି ପଦ୍ମନାଭ ସାହୁ ସ୍ଥାନୀୟ ପ୍ରଶାସନ, ଝାରପୋଖରୀଆ ପୋଲିସ୍, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ସେବା, ସ୍କୁଲ, କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ପୀଠର ପ୍ରମୁଖ ସକ୍ରିୟ ସେବକ ସେବିକା ତଥା ଉତ୍ସବରେ ସାମିଲ ସମସ୍ତ ଭକ୍ତବନ୍ଧୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବର୍ଦ୍ଧିତ ଭତା ପାଇବାରୁ ବଂଚିତ ତ୍ରିଲୋଚନ

ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଗ୍ରାମ ପଂଚାୟତର ସ୍ୱର୍ଗତ ହରିପ୍ରସାଦ ଦେ ଙ୍କ ପୁତ୍ର ତ୍ରିଲୋଚନ ଦେ(୫୬) ସେ ଆଜିକୁ ପ୍ରାୟ ୨୦ ବର୍ଷ ହେଲା ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ୨୦୦୯ ମସିହାରେ ମାନସିକ ବିକାରଗ୍ରସ୍ତ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ରହିଥିଲେ ମଧ ବର୍ଦ୍ଧିତ ୩୫୦୦ ଟଙ୍କା ଭତା ପାଇବାରୁ ବଂଚିତ ରହିଛନ୍ତି କାରଣ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଅନଲାଇନ ଉଡ଼ିଆଡି ସାର୍ଟିଫିକେଟ ନ ଥିବା ହେତୁ ବର୍ଦ୍ଧିତ ଭତା ପାଇପାରୁ ନାହାଁନ୍ତି ଯାହାକୁ ନେଇ ତ୍ରିଲୋଚନ ଙ୍କ ପୁତ୍ର ପରେଶ ଦେ ବାପାଙ୍କ ଅନଲାଇନ ସାର୍ଟିଫିକେଟ ପାଇଁ ଗତ ଫେବୃଆରୀ ମାସରେ ଜଳେଶ୍ୱର ଠାରେ ଭୀମଭୋଇ ଭିନ୍ନକ୍ଷମ ଶିବିରକୁ ତ୍ରିଲୋଚନ ଦେଙ୍କୁ ଆଣି ଡାକ୍ତରୀ ପରୀକ୍ଷା କରାଇ ଥିଲେ ମଧ ଆଜକୁ ୬ ମାସ ବିତିବାକୁ ଗଲାଣି ହେଲେ ଅନଲାଇନ ସାର୍ଟିଫିକେଟ ପାଇବାରୁ ବଂଚିତ ଯାହାକୁ ନେଇ ବାରମ୍ବାର ବ୍ଲକ କାର୍ଯ୍ୟା ଳୟ ଦୌଡୁ ଦୌଡ଼ି ନୟାନ୍ତ ହେବାକୁ ବସିଲେଣି କିନ୍ତୁ ମିଳି ପାଉନାହିଁ ଅନଲାଇନ ସାର୍ଟିଫିକେଟଏହା କେବକ ତ୍ରିଲୋଚନଙ୍କ କଥା ନୁହେଁ ଏହିପରି ଅନେକ ବ୍ୟକ୍ତି ଭୀମଭୋଇ ଭିନ୍ନକ୍ଷମ ଶିବିରକୁ ଆସିଥିଲେ ମଧସାର୍ଟିଫିସିକେଟ ପାଇବାରୁ ବଂଚିତ ରହିଛନ୍ତି ଯାହାକୁ ନେଇ ସାଧାରଣ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଉତରେଶ୍ୱରରେ କୃତ୍ରିମ ବନ୍ୟା

ସୋର(ନିପ୍ର): ସୋରରେ ଅନବରତ ପ୍ରବଳ ବର୍ଷା ହେବା ଫଳରେ ଡ୍ରେନ ନଥିବାରୁ ଜଳ ନିଷ୍କସେିତ ହୋଇ ନପାରି ଜାତୀୟ ରାଜପଥ ପଶ୍ଚିମ ପାଶ୍ୱର୍ ଉତରେଶ୍ୱର ସଂପୂର୍ଣ୍ଣ ଭାବେ ଜଳମଗ୍ନ ହୋଇ ରହିଛି । ଫଳରେ ଉତରେଶ୍ୱର ପରିବା ବଜାର, ପରିବା ମାର୍କେଟ, ମାଛ ମାର୍କେଟ, ଟ୍ରେକର ଷ୍ଟାଣ୍ଡ ପ୍ରଭୃତି ପାଣି ବୁଡ଼ି ରହିଥିବା ବେଳେ ଅଧିକାଂଶ ଘରେ ପାଣି ପଶିଥିବା ଦେଖାଯାଇଛି । ସୂଚନା ଯୋଗ୍ୟ ଯେ ଜାତୀୟ ରାଜପଥ ୬ଟିକିଆ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଶେଷ ହୋଇ ଆସୁଥିବା ବେଳେ ଉତରେଶ୍ୱର ପାଇକାଳୀ ଠାରୁ କଲେଜଛକ ପର୍ଯ୍ୟନ୍ତ ପଶ୍ଚିମ ପାଶ୍ୱର୍ ଡ୍ରେନ କାର୍ଯ୍ୟ ହୋଇପାରି ନାହିଁ । ଫଳରେ ଗତ ପାଂଚବର୍ଷଧରି ଏହି ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏହାର ସମାଧାନ ପାଇଁ କଲେଜଛକଠାରୁ ପାଇକାଳୀ ପର୍ଯ୍ୟନ୍ତ ୩ମିଟର ଓସାର ଏବଂ ୩ ମିଟର ଗଭୀରର ଡ୍ରେନ ନିର୍ମାଣ ପାଇଁ ଜାତୀୟ ରାଜପଥ ତରଫରୁ ୩୩ କୋଟି ଟଙ୍କା ପୂର୍ତ ବିଭାଗକୁ ହସ୍ତାନ୍ତର କରିଥିବା ବେଳେ ଏହାର ଟେଣ୍ଡ ସରିଛି । ମାତ୍ର ଏହାକୁ ଟେଣ୍ଡର ନେଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରି ନଥିବା ବେଳେ ବର୍ତମାନ ପରିସ୍ଥିତିରେ ଜଳ ନିଷ୍କାସନ ପାଇଁ କୈଣସି ଉଦ୍ୟମ ନ କରିବାରୁ ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

# ନବନିଯୁକ୍ତ ସେକ୍ସନ ମ୍ୟାନେଜର ଶୁଭମ୍ ସାହୁଙ୍କୁ ସମ୍ବର୍ଦ୍ଧନା



କୋରେଇ(ନିପ୍ର): ବୈତରଣୀ ରୋଡ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ନବନିଯୁକ୍ତ ସେକ୍ସନ ମ୍ୟାନେଜର ଶୁଭମ୍ କୁମାର ସାହୁଙ୍କୁ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି । ଏହି ଅବସରରେ ମହାସଂଘର ଯାଜପୁର ସର୍କଲ ସମ୍ପାଦକ ତଥା ଶ୍ରମିକ ନେତା ବିପ୍ଳବ କେଶରୀ ସାମନ୍ତରାୟ, ଯାଜପୁର ରୋଡ ଡିଭିଜନ ସମ୍ପାଦକ ହେମନ୍ତ ନାୟକ, ବୈତରଣୀ ରୋଡ ସେକ୍ସନ ଅର୍ଗାନାଇଜର ସନତ କୁମାର ସାହୁ, ସେକ୍ସନ ସୁପରଭାଇଜର ଶଶିକାନ୍ତ ଜେନାଙ୍କ ସମେତ କ୍ଷେତ୍ରବାସୀ ମାଝୀ, ଚନ୍ଦନ ମିତ୍ର, ସୂର୍ଯ୍ୟମଣି ସାହୁ, ସୁରେଶ ଜେନା, ସୁବାସ ଜେନା, ସଞ୍ଜୟ ଜେନା, ନିରାକାର ମାଝୀ, ପ୍ରଶାନ୍ତ ଖଟୁଆ, ବିଦ୍ୟାଧର ଓଝା, ଅଭୟ ମଲ୍ଲିକ, ଦେବାଶିଷ ମଲ୍ଲିକ, ରଞ୍ଜିତ କର, ସନ୍ତୋଷ ବେହେରା, ସର୍ବନି ମିତ୍ର, ଚକ୍ରଧର ମଲ୍ଲିକ, ସୋମନାଥ ଦାସ, ଜ୍ଞାନରଞ୍ଜନ ମଲ୍ଲିକ, ଆଶିଷ ବାରିକ, ତୁଷାର ଜେନା, ଲୋକନାଥ ସେଠୀ, ବଳରାମ ଦାସ, ଚନ୍ଦ୍ରକାନ୍ତ ବାରିକଙ୍କ ସହ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ ଶ୍ରୀ ସାହୁଙ୍କ କାର୍ଯ୍ୟଶୈଳୀ, ଦକ୍ଷତା ଓ କର୍ମନିଷ୍ଠାର ପ୍ରଶଂସା କରିବା ସହିତ ତାଙ୍କ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେମାନେ କହିଥିଲେ, ତାଙ୍କ ନେତୃତ୍ୱରେ ସେକ୍ସନର କାର୍ଯ୍ୟଦକ୍ଷତା ଓ ଗ୍ରାହକ ସେବା ଆହୁରି ସୁଦୃଢ଼ ହେବ । ନିଜ ବକ୍ତବ୍ୟରେ ଶ୍ରୀ ଶୁଭମ୍ କୁମାର ସାହୁ କହିଥିଲେ ଯେ, ସେକ୍ସନର ସମସ୍ତ କର୍ମଚାରୀ ତାଙ୍କ ପରିବାରର ସଦସ୍ୟ ସଦୃଶ । ସମସ୍ତଙ୍କ ସହଯୋଗରେ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଦାୟିତ୍ୱଗୁଡ଼ିକୁ ସୁଚାରୁ ରୂପେ ପାଳନ କରିବା ସହ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସେ ସର୍ବଦା ପ୍ରୟାସରତ ରହିବେ ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟା ନେଇ ଜରୁରୀ ବୈଠକ

କନ୍ଧମାଳ(ନିପ୍ର): କନ୍ଧମାଳ ଜିଲ୍ଲାର ସଦର ମୋହକୁମା ଫୁଲବାଣୀ ମୁଖ୍ୟ ଚିକିତ୍ସା ଳୟ ପରିସର ରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ରାଜ୍ୟ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ପାଢ଼ୀ ଅଧକ୍ଷତା କରିଥିଲେ । ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସେଥି ମଧରେ ଡାକ୍ତରଖାନାରେ ଏକ ଜେରିଏଟ ୱାର୍ଡ ଖୋଲିବା, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା, ଗୁରୁପ୍ତ ଦେବା, ହୃଦରୋଗୀ ମାନଙ୍କ ପାଇଁ ବିଶେଷଜ୍ଞ ମାସକୁ ଅନ୍ୟୁନ ଦୁଇ, ତିନି ଦିନ ଆସିବା ବ୍ୟବସ୍ଥା କରିବା, ବିଭିନ୍ନ ୱାର୍ଡରେ ବାତାନୁକୁଳିତ ବ୍ୟବସ୍ଥା କରିବା ଆଦି ଅନ୍ତର୍ଭୁକ୍ତ । ଡାକ୍ତର ପାଢ଼ୀ ଏସବୁ ଦାବି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଡାକ୍ତରଖାନାରେ ପ୍ରଥମ କରି ମ୍ୟୁଜିକ ଥେରାପୀ, ଆଖଣ୍ଡଦିପ ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଡାକ୍ତର ପାଢ଼ୀ ଆରମ୍ଭ କରିଥିଲେ । ତେବେ ଅଖଣ୍ଡଦିପ କୁ ସବୁଦିନ ପାଇଁ ପ୍ରଜ୍ୱଳନ ରଖିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆଲୋଚନାରେ ବରିଷ୍ଠ ଆଇନଜୀବୀ ଅଶୋକ ବେହେରା, ବିଜୟକୃଷ୍ଣ ପଟ୍ଟନାୟକ, ପ୍ରତାପ ପାତ୍ର, ବରିଷ୍ଠ ନାଗରିକ ସର୍ବେଶ୍ୱର ମିଶ୍ର, ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ବେହେରା ଅନ୍ୟାନ୍ୟ ସମାଜସେବୀ ଭାଗ ନେଇଥିଲେ ।

# ନାହିଁ ନାହିଁରେ ଚାଲିଛି ବ୍ଲକ କାର୍ଯ୍ୟାଳୟ

ଜଳେଶ୍ୱର(ନିପ୍ର): ବାଲେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକଭାବେ ବିବେଚନା କରାଯାଉଥିବା ଜଳେଶ୍ୱରରେ ୪୮ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବି ଖାଲି ପଡ଼ିଛି । ସେଥିମଧ୍ୟରୁ ୧୦ଟି ପଂଚାୟତର ପିଇଓ ଓ ୧୫ଟି ପଂଚାୟତର ଏଡିଇଓ ନାହାନ୍ତି । ଫଳରେ ପଂଚାୟତିରାଜ ବିଭାଗର କାର୍ଯ୍ୟାନ୍ୱୟନ ଠିକଣା ଢଙ୍ଗରେ ହୋଇପାରୁନାହିଁ । ସରକାରୀ ବ୍ଲକ୍ ଅଫିସ ସହ ୩୫ଟି ଗ୍ରାମ ପଂଚାୟତ ଅଧୀନରେ ୪୮ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି: ବ୍ଲକ୍ ପ୍ରଶାସନ କାମ କରିବ କେମିତି । ଜଳେଶ୍ୱର ବ୍ଲକ୍ ଓ ୩୫ ଗୋଟି ଗ୍ରାମ ପଂଚାୟତକୁ ମିଶାଇ ସରକାର ୧୩୩ଟି ପଦବିକୁ ଅନୁମୋଦନ ଦେଇଛନ୍ତି । ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବି ମଧ୍ୟରୁ ଗୋଟିଏ ଖାଲି ପଡ଼ିଛି । ସହକାରୀ ଯନ୍ତ୍ରୀ ୫ ଜଣଙ୍କ ସ୍ଥାନରେ ୩ ଜଣ ଅଛନ୍ତି । କନିଷ୍ଠ ଯନ୍ତ୍ରୀ ୧୬ ଜଣ ରହିବା କଥା । ହେଲେ ମାତ୍ର ୮ ଜଣ କାମ କରୁଛନ୍ତି । ବ୍ଲକ୍ ?ର ସବୁଠାରୁ ବ୍ୟସ୍ତବହୁଳ ବିଭାଗ କହିଲେ ସାମାଜିକ ସୁରକ୍ଷା ବିଭାଗକୁ ବୁଝାଇଥାଏ । କିନ୍ତୁ ବିଭାଗୀୟ ଅଧିକାରୀ (ବିଏସ୍ଏସ୍ୱ) ପଦବି ୮ ମାସ ହେଲା ଖାଲି ପଡ଼ିଛି । ସିନିଅର ଓ ଜୁନିଅର ରେଭିନ୍ୟୁ ଆସିଷ୍ଟାଂଟ ପଦବିରେ ୫ ଜଣଙ୍କ ସ୍ଥାନରେ ୨ ଜଣ କାମ କରୁଛନ୍ତି । ୫ଟି ଯାକ ପିଅନ ପଦବି ଖାଲି ପଡ଼ିଛି । ସେହିପରି ସର୍ବାଧିକ ପିଇଓ ଓ ଡିଇଓ ପଦବି ଖାଲି ପଡ଼ିଥିବାରୁ ଜଣେ ଜଣେ କର୍ମଚାରୀଙ୍କୁ ଏକାଧିକ ପଂଚାୟତର ଦାୟିତ୍ୱ ତୁଲିବାକୁ ପଡୁଛି । ଏସବୁ ସମସ୍ୟା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ମଞ୍ଜୁର ହେଉଥିବା କୋଟି କୋଟି ଟଙ୍କାର ଅନୁଦାନ ଧାର୍ଯ୍ୟ ସମୟ ମଧରେ ଖର୍ଚ୍ଚ ହୋଇ ପାରୁନାହିଁ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରକାମ ପଛରେ ପଡିଥିବା ବେଳେ ସିଏଫ୍ ?ସି ଓ ଏସଏ ସି କାମ ଆରମ୍ଭ ହୋଇପାରୁନାହିଁ । ଠିକ ସେହିପରି ମାଛ ଚାଷ ଓ ପ୍ରଧାନମନ୍ତ୍ରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ନିର୍ମାଣଧୀନ ଶ୍ରୀମିକ ମାନଙ୍କର ସହାୟତା ପରି ଅନେକ ଲୋକାଭିମୁଖୀ ଯୋଜନାର ସୁଫଳ ସାଧାରଣ ଲୋକମାନେ ପାଇବାରେ ବଂଚିତ ହେଉଛନ୍ତି ନା ସେଥିପ୍ରତି ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଉଛନ୍ତି ନା ବିଭିନ୍ନ ଦଳର ନେତା ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି ଯାହା ଫଳରେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ଶ୍ରୀହୀନ ହେବାକୁ ଯାଉଛି । ଦେଖିବାକୁ ବାକି ରହିଲା ଏଥିପ୍ରତି ଜିଲ୍ଲା ପ୍ରଶାସନ କେବେ ଆଗଭର ହେଉଛନ୍ତି ।

# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଂଟନ ଚାମ୍ପିଅନସିପ୍ ୨୦୨୬-୨୭ ଉଦ୍‌ଯାପିତ




ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଚଳିତ ମାସ ୨୪ ତାରିଖରୁ ଦୁଇ ଦିନ ଧରି ଚାଲିଥିବା ବାଳକ,ବାଳିକା, ପୁରୁଷ ଓ ମହିଳା ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ଚଳିତ ୨୫ ତାରିଖରେ ଉଦଯାପିତ ହୋଇ ଯାଇଛି । ଉଦଘାଟନୀ ସମାରୋହରେ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ମହୋଦୟ ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରିଥିଲେ ଓ କ୍ରୀଡ଼ାବିତ୍ ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରି ଉତ୍ସାହିତ କରିବା ସହ ପ୍ରତିଯୋଗୀ ଓ ପ୍ରତିଯୋଗିତା ର ସଫଳ କାମନା କରିଥିଲେ ।। ସେହିପରି ଉଦଯାପନୀ ସମାରୋହ ରେ ଅତିଥି ଭାବେ ଯୋଗଦେଇ ସମାଜସେବୀ କାଶୀନାଥ ରଣା, ସମାଜସେବୀ ନନ୍ଦିକେଶ ସେଜପଡା ଓ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ବୃନ୍ଦ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦ୍ୱାରା ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ବାରିପଦା ଉପଖଣ୍ଡରୁ- ୪୫, ଉଦଳା ବ୍ଲକ୍ ରୁ - ୨୨, ରାଇରଙ୍ଗପୁର ବ୍ଲକ୍ ରୁ - ୮, ବେତନଟୀ ଓ କରଞ୍ଜିଆ ବ୍ଲକ୍ ରୁ - ୪ ଜଣ , ବାଙ୍ଗିରିପୋଷି ଓ ବୈଶିଙ୍ଗା ବ୍ଲକ୍ ରୁ - ୩ ଜଣ ସେହିପରି କପ୍ତିପଦା ଓ ବଡ଼ସାହି ବ୍ଲକ୍ ରୁ - ୨ ଜଣ ଲେଖାଏଁ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବୟସ ଓ ବର୍ଗର ସମୁଦାୟ ୯୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଂଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି । ବାଳକ ବିଭାଗ ୧୧ବର୍ଷରୁ କମ ଏକକ ବର୍ଗରେ ବାରିପଦା ର ଲକି ମାର୍ଣ୍ଡି ଚାମ୍ପିଅନ୍ ଓ ଉଦଳା ର ଶେଖ୍ ସାହିଲ ରନର୍ ଅପ୍, ୧୩ ବର୍ଷରୁ କମ ଏକକ ବର୍ଗରେ ବାରିପଦାର କୃଷ୍ଣକାନ୍ତ ସିଂ ଚାମ୍ପିଅନ୍ ଓ ତେଜସ ବେହେରା ରନର୍ ଅପ୍, ଯୁଗଳ ବର୍ଗରେ ବାରିପଦାର ତେଜସ ବେହେରା ଓ ବିଶ୍ୱ ଭବ୍ୟେଶ ବେହେରା ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ସାଇ ଶ୍ରେୟସ ମହାନ୍ତ ଓ ଅଭିନବ ଦତଙ୍କ ଯୋଡ଼ି ରନର୍ ଅପ୍, ୧୫ ବର୍ଷରୁ କମ ଏକକ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦାର ଆୟୁଷ୍ମାନ ପ୍ରଧାନ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ସେକ ରୌନକ ରାଜ ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ଜିଜ୍ଞାଂଶ ଚାନ୍ଦ ଓ କୁଳଦୀପ ପାତ୍ର ଙ୍କ ଯୋଡ଼ି ରନର୍ ଅପ୍, ୧୭ ବର୍ଷରୁ କମ ଏକକ ବର୍ଗରେ ବାରିପଦାର ରୋହନ କୁମାର୍ ସାଲ୍ ଚାମ୍ପିଅନ ଓ ରାଇରଙ୍ଗପୁରର ରୁଦ୍ରାଂଶ ପ୍ରଧାନ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ପ୍ରତ୍ୟୁଷ କୁମାର ପରିଡ଼ା ଙ୍କ ଯୋଡ଼ି ଚାମ୍ପିଅନ ଏବଂ ବାରିପଦାର ଖ୍ୟାତିରଞ୍ଜନ ମହାପାତ୍ର ଓ ଯୋଜିତ୍ ଖଣ୍ଡେଲୱାଲ୍ ରନର୍ ଅପ୍, ୧୯ ବର୍ଷରୁ କମ ଏକକ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଚାମ୍ପିଅନ ଓ ବାରିପଦାର ରୋହନ କୁମାର୍ ସାଲ୍ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ବାରିପଦାର ଅରିଜିତ ଦାସ ଓ ଖ୍ୟାତିରଞ୍ଜନ ମହାପାତ୍ର ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ରୁଦ୍ରାଂଶ ପ୍ରଧାନ ଙ୍କ ଯୋଡ଼ି ରନର୍ ଅପ୍ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଯୁଗଳ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ଉଦଳାର ଅଙ୍କିତ ବାରିକ୍ ଙ୍କ ଯୋଡ଼ି ବାରିପଦାର ଜୟଜୀତ ଦାସ ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ । ସେହିପରି ବାଳିକା ବିଭାଗର ଏକକ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଚାମ୍ପିଅନ୍ ହୋଇଥିବାବେଳେ ବାରିପଦାର ପ୍ରିତିଷା ପାତ୍ର ରନର୍ ଅପ୍ ହୋଇଛନ୍ତି ଏବଂ ଯୁଗଳ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଓ ଦିଶା ବେହେରାଙ୍କ ଯୋଡି ବାରିପଦାର ମାନଭୀ ଖଣ୍ଡେଲୱାଲ୍ ଓ ଅନଭିସିକ ଜେନା ଙ୍କ ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି । ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ରେଫରୀ ଭାବରେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ । ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତ୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅବିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଂଟ ଅଫିସିଆଲ, କର୍ମକର୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଳତୀ ସମୟରେ ସ୍ତୁତି ଗାନ



ଦେବାଦେବୀଙ୍କୁ ଭକ୍ତିରେ ପ୍ରସନ୍ନ କରିବା ପାଇଁ ଅନେକ ପ୍ରକାର ଉପାୟ ରହିଛି । ସେଥିମଧ୍ୟରୁ ଦେବାଦେବୀଙ୍କୁ ଆଳତୀ କରି ପ୍ରସନ୍ନ କରିବା ହେଉଛି ଅନ୍ୟତମ । ଆଳତୀ କରିବା ସମୟରେ ଦେବାଦେବୀଙ୍କ ସ୍ତୁତି କରିବା ଉଚିତ୍ । ତେବେ ଏହି ସ୍ତୁତିକୁ ଅତି ମଧୁର କଣ୍ଠରେ ଗାନ କରିବା ଆହୁରି ମହତ୍ୱପୂର୍ଣ୍ଣ ଅଟେ । ମଧୁର କଣ୍ଠରେ ସ୍ୱରକରି ଆଳତୀ ଗାନର କେବଳ ଯେ ଧାର୍ମିକ କାରଣ ରହିଛି ତାହା ନୁହେଁ, ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି ।

ଆଳତୀ କରିବା ସମୟରେ ମଧୁର କଣ୍ଠରେ ଦେବାଦେବୀଙ୍କ ସ୍ତୁତି କରିବା ଦ୍ୱାରା ଭଗବାନ ଶୀଘ୍ର ପସନ୍ନ ହୋଇଥାନ୍ତି ବୋଲି ଧାର୍ମିକ ଦୃଷ୍ଟିରେ କୁହାଯାଇଛି । ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ବି ସଙ୍ଗୀତ ହେଉଛି ମନକୁ ଆନନ୍ଦ ପ୍ରଦାନ କରୁଥିବା ଏକ ମାଧ୍ୟମ । ଆହୁରି ମଧ୍ୟ ପୂର୍ବରୁ ରହିଆସିଛି ଯେ, ଆଳତୀ ସମୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର(ଘଂଟ, ଢ଼ୋଲ, ମୃଦଙ୍ଗ, କାହାଳୀ, ବଇଁଶି ଏହିପରି ଅନେକ) ବଜାଇ ସ୍ୱରକରି ସ୍ତୁତି ଗାନ କଲେ ତାହା ଶୀଘ୍ର ଦେବାଦେବୀଙ୍କ ନିକଟରେ ପହଂ୍ଚପାରିଥାଏ ।

ପ୍ରତିଦିନ ତେଣୁ ସକାଳ ସମୟରେ ସୁରତାଳ ସହିତ ଭଗବାନଙ୍କ ଆଳତୀ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ । ଉଚିତ୍ ଭାବେ ଗାଇଲେ ପୂରା ଶରୀର ପ୍ରଭାବିତ ହୁଏ । ଶରୀରକୁ ଶକ୍ତି ମିଳେ । କଣ୍ଠ ମଧ୍ୟ ସଫା ଏବଂ ସୁରିଲା ହୁଏ । ଏହାକୁ ଏକ ପ୍ରକାର ଯୋଗ ମଧ୍ୟ କୁହାଯାଇପାରେ । ଗଳା ସମ୍ପର୍କୀତ କୌଣସି ରୋଗ ହୁଏ ନାହିଁ । ତେଣୁ ଯେତେବେଳେ ଆଳତୀ କରୁଛନ୍ତି ଚେଷ୍ଟା କରନ୍ତୁ ଉଚିତ୍ ସୁରତାଳରେ ଲହରାଇ ଗାଇବାକୁ । ତେବେ ଠାକୁର ଶୀଘ୍ର ପ୍ରସନ୍ନ ହେବା ସହିତ ଆପଣଙ୍କ ସ୍ୱାସ୍ଥ୍ୟ ବି ଭଲ ରହିପାରିବ ।

# ପୁତ୍ରସନ୍ତାନ ପ୍ରାପ୍ତି ନିମନ୍ତେ ଏହି ମନ୍ଦିରରେ ପ୍ରଥମେ କରିବାକୁ ପଡ଼ିଥାଏ ଚୋରି, ପରେ ପୂର୍ଣ୍ଣ ହୁଏ ମନୋସ୍କାମନା

ଭାରତବର୍ଷରେ ଏମିତି ଅନେକ ଶକ୍ତିପୀଠ ରହିଛି ଯେଉଁଠାରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ରହିଛି । ସେହିଭଳି ଏକ ମନ୍ଦିର ହେଉଛି ଉ□ରାଖଣ୍ଡର ଚୁଡ଼ିୟାଲା ଗାଁରେ ଥିବା ସିଦ୍ଧପୀଠ ଚୂଡ଼ାମଣି ଦେବୀଙ୍କ ମନ୍ଦିର । ଏହା ଏକ ଏଭଳି ମନ୍ଦିର ଯାହାର କିମ୍ବଦନ୍ତୀ ଶୁଣିଲେ ଆପଣଙ୍କ ଆଶ୍ଚର୍ଯ୍ୟର ସୀମା ରହିବ ନାହିଁ । ଏହି ମନ୍ଦିରରେ ଥିବା ପରମ୍ପରା ନୈତିକ ଶିକ୍ଷାକୁ କୁଠାରଘାତ କରୁଥିବା କୁହାଯାଏ । ଏହି ଧାର୍ମିକ ସ୍ଥାନରେ ନିଜ ମନୋସ୍କାମନା ପୂର୍ଣ୍ଣ କରିବାକୁ ଲୋକଙ୍କୁ ଚୋରି କରିବାକୁ ପଡ଼ିଥାଏ । ପିଲାଙ୍କୁ ଛୋଟ ବେଳୁ ଚୋରି କରିବା ଭୁଲ କୁହାଯାଉଥିବା ବେଳେ ଉ□ରାଖଣ୍ଡର ଏହି ମନ୍ଦିରରେ ଦେବୀଙ୍କ ଆଶୀର୍ବାଦ ପାଇଁ ଚୋରି କରିବାକୁ କୁହାଯାଏ ।






ଗ୍ରାମବାସୀଙ୍କ କହିବାନୁସାରେ, ୧୮୦୫ ମସିହାରେ ଲଣ୍ଡୌରା ରାଜବଂଶର ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ । କୁହାଯାଏ ଯେ, ରାଜା ଏକଦା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ସେଠାରେ ସେ ମା'ଙ୍କ ପିଣ୍ଡିକୁ ଦର୍ଶନ କରିଥିଲେ । ରାଜାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ମା'ଙ୍କ ପାଖରେ ପୁଅ ପାଇଁ ମାନସିକ କରିଥିଲେ । ରାଜାଙ୍କ ମାନସିକ ପୂରଣ ହେବା ପରେ ରାଜା ଏଠାରେ ମନ୍ଦିର ନିର୍ମାଣ କରିଥିଲେ । ସେବେଠାରୁ ମନୋସ୍କାମନା ପୂର୍ଣ୍ଣ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଧାଇଁ ଆସିଥାନ୍ତି ।

ମାନ୍ୟତା ରହିଛି ଯେ, ପୁତ୍ର ସନ୍ତାନ ଚାହୁଁଥିବା ବ୍ୟକ୍ତି ଏହି ମନ୍ଦିରକୁ ଆସି ମା'ଙ୍କ ପାଦ ତଳେ ଥିବା ଲୋକଡ଼ାକୁ ଚୋରି କରି ଯଦି ନିଜ ସାଙ୍ଗରେ ନେଇଯାଆନ୍ତି ତେବେ ତାଙ୍କ ଘରେ ପୁଅ ଜନ୍ମ ହୁଏ । ସୂଚନାଯୋଗ୍ୟ ଯେ ଲୋକଡ଼ା ହେଉଛି କାଠରେ ତିଆରି ଏକ କଣ୍ଢେଇ । ପୁଅ ଜନ୍ମ ପରେ ପୁଣି ଥରେ ବ୍ୟକ୍ତିଙ୍କୁ ମା'ଙ୍କ ଦର୍ଶନ ଆସିବାକୁ ପଡ଼ିଥାଏ ।

# ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦିଏ ସପୁରି

ସପୁରି ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ଭରପୂର । ଏଥିରେ ପୋଷକ ତତ୍ୱ ସହ ଆଂଟି ଅକ୍ସିଡା□ର ଗୁଣ ମଧ୍ୟ ରହିଥାଏ । ଏକ ଗ୍ଲାସ ସପୁରି ରସରୁ ୧.୭ ଗ୍ରାମ ପ୍ରୋଟିନ୍, ୨.୩ ଗ୍ରାମ ଫାଇବର ଏଥିସହ ଭିଟାମିନ୍ ସି ଓ ବି-୬ ମିଳିଥାଏ । ତେବେ ଜାଣନ୍ତୁ କିପରି ଭାବେ ସପୁରି ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ । ବିଷାଦ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଏହା ମୁକ୍ତି ଦେଇଥାଏ ।



-ଯଦି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ତେବେ ସପୁରି ଜୁସ୍ ପିଇଲେ ପ୍ରତିରୋଧକାରୀ ଶକ୍ତି ବଢ଼ିଥାଏ ।

-ଏଥିରେ ଭିଟାମିନ୍ ସି' ଭରପୂର ମାତ୍ରାରେ ରହୁଥିବାରୁ ପାଚନକ୍ରିୟାକୁ ସକ୍ରିୟ କରିଥାଏ । ଏହାର ଜୁସ୍ ପିଇବା ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ । ଏହାକୁ ଆପଣ କାଟି ମଧ୍ୟ ଖାଇପାରିବେ ।

-ଏହାକୁ ଖାଇବାର ଅନେକ ସମୟ ପର୍ଯ୍ୟନ୍ତ ଭୋକ ହୋଇ ନ ଥାଏ । ଫଳରେ ଓଜନ ସନ୍ତୁଳିତ ରହିଥାଏ । ଏଥିରେ ମାଙ୍ଗାନିଜ୍ ଗୁଣ ରହିଥିବାରୁ ଏହା ବିଭିନ୍ନ ହାଡ଼ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

-ଆଧୁନିକ ଜୀବନଶୈଳୀ କାରଣରୁ ଅନେକ ସମୟରେ ବ୍ୟକ୍ତି ବିଷାଦ ମଧ୍ୟକୁ ଚାଲିଯାଇଥାଏ । ସପୁରି ଜୁସ୍ ପିଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଆଂଟି ଅକ୍ସିଡା□ ଗୁଣ କ୍ୟାନ୍ସରରୁ ମୁକ୍ତି ଦେଇଥାଏ ।

# କିଡ଼ନୀ ଷ୍ଟୋନର ଘରୋଇ ଉପଚାର

ଅଁଳା:

ଅଁଳା ମଧ୍ୟ କିଡ଼ନୀ ଷ୍ଟୋନରୁ ମୁକ୍ତି ଦେଇଥାଏ । ପ୍ରତିଦିନ ଏକ ଚାମଚ ଅଁଳା ଗୁଣ୍ଡ ଖାଇବା ଫଳରେ ଏଥିରୁ ମୁକ୍ତି ମିଳିଥାଏ ।

ଓଲିଭ୍ ଅଏଲ୍ ଓ ଲେମନ୍ ଜୁସ୍:

ଯଦି ଆପଣଙ୍କ କିଡ଼ନୀରେ ଷ୍ଟୋନ ସମସ୍ୟା ରହିଛି ଏବଂ ବିନା ଅସ୍ତ୍ରୋପଚାରରେ ଆପଣ ଏଥିରୁ ମୁକ୍ତିପାଇବାକୁ ଚାହୁଁଛନ୍ତି ତେବେ ଆପଣ ଓଲିଭ୍ ଅଏଲ୍‌ରେ ଲେମ୍ବୁରସ ମିଶାଇ ପିଇବା ଫଳରେ ଏହି ସମସ୍ୟା ଦୂର ହୋଇଥାଏ । ଲେମ୍ବୁରସ ଷ୍ଟୋନ୍‌କୁ ଭାଙ୍ଗିବାରେ ସାହାଯ୍ୟ କଲାବେଳେ ଓଲିଭ୍ ଅଏଲ୍ ଏହାକୁ ବାହାରକୁ କାଢ଼ିବାରେ ସହାୟକ ହୋଇଥାଏ ।



# ଶେଷାବତାର ବଳରାମ



ଭଗବାନ ବଳରାମ ସ୍ୱୟଂ ଶେଷନାଗଙ୍କ ଅବତାର । ଭଗବାନ ବିଷ୍ଣୁଙ୍କ ସେବାରେ ସେ ସର୍ବଦା ଉପସ୍ଥିତ । ତ୍ରେତୟାରେ ସେ ଶ୍ରୀରାମଙ୍କ କନିଷ୍ଠ ଭ୍ରାତା ଲକ୍ଷ୍ମଣ ଭାବରେ ଅବତାର ନେଇଥିଲେ । ଦ୍ୱାପରରେ ବଳରାମ ମାତା ରୋହିଣୀଙ୍କ ଗର୍ଭରୁ ଜାତ ହୋଇଥିଲେ । ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ଶ୍ରୀକୃଷ୍ଣ ଅତ୍ୟାଚାରୀ କଂସର ବଧ କରିବେ ବୋଲି ଆକାଶବାଣୀ ହୋଇଥିଲା । ଏହାଜାଣି କଂସ ନିଜ ଭଉଣୀ ଦେବକୀଙ୍କ ଗର୍ଭରୁ ଜାତ ୬ଜଣ ସନ୍ତାନଙ୍କୁ କଂସ ବଧ କଲା । କିନ୍ତୁ ଦେବକୀଙ୍କ ସପ୍ତମ ଗର୍ଭ ନଷ୍ଟ ହୋଇଗଲା ବୋଲି ମଥୁରାବାସୀ ଜାଣିଲେ । ବାସ୍ତବରେ ଦେବୀ ଯୋଗମାୟା ଦେବକୀଙ୍କ ଗର୍ଭରୁ ସନ୍ତାନକୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିଥିଲେ । ଦେବକୀ ମଥୁରାରେ ଥିଲେ ଏବଂ ରୋହିଣୀ ଗୋପପୁରରେ । ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣିଥିବାରୁ ସେହି ସନ୍ତାନ ସଂକର୍ଷଣ ନାମରେ ବିଖ୍ୟାତ ହେଲେ । ଯେପରି କାଠରୁ ଅଗ୍ନି ଏବଂ ସମୁଦ୍ର ଗର୍ଭରୁ ଚନ୍ଦ୍ରମା ଉଦିତ ହୋଇଥାଏ, ସେହିପରି ଭଗବାନ ବଳରାମ ପ୍ରକଟ ହେଲେ । ଚନ୍ଦ୍ର ସର୍ବଦା ଉପସ୍ଥିତ ରହିଥାନ୍ତି, କିନ୍ତୁ ସମୁଦ୍ର କୂଳରେ ଥାଇ ଦେଖୁଥିବା ବ୍ୟକ୍ତି ଏହି ଭ୍ରମରେ ଥାଏ ଯେ ଚନ୍ଦ୍ରମା ସାଗରର ଗର୍ଭରୁ ବାହାରୁଛି । ଠିକ୍ ସେହିପରି ଭଗବାନ ଯେତେବେଳେ ପ୍ରକଟ ହୁଅନ୍ତି, ଦେଖିବା ଲୋକ ଭାବେ ଯେ ସେ ଗର୍ଭରୁ ପ୍ରକଟ ହେଉଛନ୍ତି । ଜନ୍ମ ସମୟରେ ବଳରାମ ଭଗବାନଙ୍କ ଅଙ୍ଗକାନ୍ତିରେ ସାରା ଅଂଚଳରେ ଆଲୋକ ଖେଳିଯାଇଥିଲା । ଶ୍ରୀନନ୍ଦରାଜା ଶିଶୁର କର୍ମ ସଂସ୍କାର କରି ବ୍ରାହ୍ମଣଙ୍କୁ ଦଶ ଲକ୍ଷ ଗାଈ ଦାନ କରିଥିଲେ । ଗୋପବାସୀଙ୍କୁ ଡାକି ମହାମଙ୍ଗଳମୟ ଉତ୍ସବ ପାଳନ କରିଥିଲେ । ବଳରାମଙ୍କ ଜନ୍ମ ଦେଇଥିବା କାରଣରୁ ମାତା ରୋହିଣୀଙ୍କ ଗର୍ଭରୁ ୫ ଦିନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ ବାହାରୁଥିଲା । ଦେବଳ, ଦେବରାତ, ବଶିଷ୍ଠ, ବୃହସ୍ପତି, ନାରଦ, ଶ୍ରୀବେଦବ୍ୟାସ ଆଦି ଅନେକ ଋଷି ଶିଶୁ ରୂପରେ ଭଗବାନ ବଳରାମଙ୍କ ଦର୍ଶନ ନିମନ୍ତେ ଆସିଥିଲେ । ସେମାନେ ତାଙ୍କ ଦିବ୍ୟ ଆଭା ଦେଖି ବଳରାମଙ୍କ ସ୍ତୁତି କରିଥିଲେ । ଶ୍ରୀବେଦବ୍ୟାସ କହିଲେ, ଆପଣ ଦେବଗଣଙ୍କ ଅଧିପତି ଏବଂ କାମପାଳ । ଆପଣ ସାକ୍ଷାତ ଅନନ୍ତ, ବଳରାମ । ଆପଣ ଧରଣୀଧର, ପୂର୍ଣ୍ଣସ୍ୱରୂପ, ସ୍ୱୟଂପ୍ରକାଶ ଶଙ୍କର୍ଷଣ । ହେ ରେବତୀରମଣ, ଆପଣ ବଳଦେବ ଏବଂ ଆପଣ ହିଁ ଶ୍ରୀକୃଷ୍ଣଙ୍କ ଅଗ୍ରଜ । ଆପଣ ବଳ, ବଳଭଦ୍ର ତଥା ତାଳ ଚିହ୍ନ ଯୁକ୍ତ ଧ୍ୱଜା ଧାରଣକାରୀ । ଆପଣ ନୀଳବସ୍ତ୍ରଧାରୀ, ଗୌରବର୍ଣ୍ଣ ଏବଂ ରୋହିଣୀନନ୍ଦନ । ଆପଣଙ୍କର ଜୟ ହେଉ । ଏହିପରି ବଳରାମଙ୍କ ସ୍ତୁତି କରି ସମସ୍ତ ଋଷିଗଣ ଗୋପପୁରରୁ ଫେରିଥିଲେ ।

# ଏହି ସ୍ଥାନରେ ଶେଷଥର ପାଇଁ ତପସ୍ୟା କରିଥିଲେ ଲକ୍ଷ୍ମଣ, କଣ ରହିଛି ଏହାର ମହତ୍ୱ

ଋକ୍ ବେଦରେ ଉତାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି । ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି । କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋ□ମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତରାଖଣ୍ଡ ସହ ସଂଯୋଗ ରହିଥିଲା । ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉ□ରାଖଣ୍ଡରେ କରିଥିଲେ । ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତରାଖଣ୍ଡର ଗଢୱାଲରେ କରିଥିଲେ । ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢୱାଲର ତପୋବନରେ କରିଥିଲେ । ଯଦି ଆପଣ କେବେ ଉତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ । ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ ।





ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ । ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ । ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ । ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ । ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ । ପର୍ଯ୍ୟଟକମାନେ ଏଠାରେ ସାତୋପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି । ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି । ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ ।

# ଅନେକ ରୋଗରୁ ମୁକ୍ତି ଦିଏ ନଡ଼ିଆ ତେଲ

ନଡ଼ିଆ ଖାଇବାକୁ ଯେତିକି ଭଲ ଲାଗିଥାଏ ତା'ର ତେଲ ମଧ୍ୟ ସେତିକି ସ୍ୱାସ୍ଥ୍ୟ ଉପକାରୀ । ଏହାକୁ ନିୟମିତ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରିବା ଫଳରେ ହାର୍ଟଠାରୁ ଆରମ୍ଭ କରି ପାଚନ ତନ୍ତ୍ରରେ କୌଣସି ସମସ୍ୟା ହୋଇ ନ ଥାଏ । ତେବେ ଜାଣନ୍ତୁ ନଡ଼ିଆ ତେଲର ଉପକାରୀ ଗୁଣ ସମ୍ପର୍କରେ ।

-ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫଳରେ ମେଟାବୋଲିଜମ୍ ବଢ଼ିଥାଏ ।

-ଏଥିରେ ପ୍ରସ୍ତୁତ ଖାଦ୍ୟ ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ । ପେଟ ସମସ୍ୟା ଜନିତ ରୋଗରୁ ମୁକ୍ତି ମିଳିଥାଏ ।

-ନଡ଼ିଆ ତେଲ ବ୍ୟବହାର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ି କୌଣସି ସଂକ୍ରମଣ ହୋଇ ନ ଥାଏ ।

-ଏହାକୁ ଡାଏଟ୍‌ରେ ସାମିଲ କରିବା ଫଳରେ ହାର୍ଟ ସମସ୍ୟା ଦୂର ହୋଇଥାଏ ।

# ଆଜ୍‌ମାରୁ ଦୂରେଇ ରହିବେ କିପରି



ପରିବେଶ ଥଣ୍ଡା ରହିବା ଯୋଗୁ କେତେକଙ୍କଠାରେ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ । ଏହାକୁ ଚିକିତ୍ସକମାନେ ଆଜ୍‌ମା ସମସ୍ୟା ବୋଲି କହିଥାନ୍ତି । ଏଥିପାଇଁ ଔଷଧ ଖାଇବାକୁ ଚିକିତ୍ସକ ପରାମର୍ଶ ଦେଇଥାନ୍ତି । ତେବେ ସଜନା ଛୁଇଁ ଖାଇଲେ ଏହି ସମସ୍ୟାରୁ ସହଜରେ ମୁକ୍ତି ମିଳିଥାଏ । ସଜନା ଛୁଇଁରେ ପ୍ରଚୁର ମାତ୍ରାରେ ଭିଟାମିନ୍ ଏବଂ ପ୍ରୋଟିନ୍ ରହିଛି । ଏଥିରେ ଭିଟାମିନ୍ ସି ଥିବାରୁ ଏହା ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିବା ସହିତ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରିଥାଏ । ଏଥିରେ ପ୍ରଚୁର ପରିମାଣରେ ଖଣିଜ, ଲୌହ, ଭିଟାମିନ୍-ବି-୬, ଫୋଲିକ୍ ଏସିଡ୍ ଆଦି ତ□ ରହିଛି । ଏହା ପାଚନଶକ୍ତି ବଢାଇବାରେ ସହାୟକ ହୋଇଥାଏ । ଏହାକୁ ତରକାରୀ କରି ଅବା ଭାଜି ଖାଇଲେ ସୁଫଳ ମିଳିଥାଏ । ତେବେ ଏକ ପାତ୍ରରେ ପାଣିନେଇ ସେଥିରେ ସଜନା ଛୁଇଁ ପକାଇ ଏହାର ବାଷ୍ପ ଆଘ୍ରାଣ କଲେ ଆରାମ ମିଳେ । ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧୀ ସାବ୍ୟସ୍ତ ହୋଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି ।



ଶେରଗଡ଼ ସ୍ଥିତ ଶ୍ରୀ ଶ୍ରୀ ପତିତପାବନ ଜଗନ୍ନାଥ ମନ୍ଦିରରେ ରଥାରୂଢ଼ ତିନି ଠାକୁରଙ୍କର ସୁନାବେଶ ।

# ପରୀକ୍ଷା ସଂସ୍କାର ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ଟାସ୍କ ଫୋର୍ସ ଗଠନ ନେଇ ଘୋଷଣା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପରୀକ୍ଷା ସଂସ୍କାର ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ଟାସ୍କ ଫୋର୍ସ ଗଠନ ନେଇ ଘୋଷଣା କଲେ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଘୋଷଣା କରିଛନ୍ତି ଯେ ଶ୍ରୀ ନନ୍ଦନ ନିଲେକାନିଙ୍କ ଅଧ୍ୟକ୍ଷତାରେ ପରୀକ୍ଷା ସଂସ୍କାର ଉପରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସ ଗଠନ କରାଯାଇଛି । ଏକ୍ସ ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ସେୟାର କରିଛନ୍ତି : 'ଶ୍ରୀ ନନ୍ଦନ ନିଲେକାନିଙ୍କ ନେତୃତ୍ୱରେ ପରୀକ୍ଷା ସଂସ୍କାର ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସ ଗଠନ କରାଗଲା ।

# ଘନୀଭୂତ ହେଉଛି ଲଘୁଚାପ, ୯ ଜିଲ୍ଲାକୁ ରେଡ୍ ଆଲର୍ଟ

ଭୁବନେଶ୍ୱର: ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ଉତର ଓଡ଼ିଶା-ପଶ୍ଚିମ ବଙ୍ଗ ଉପକୂଳର ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେବା ସହିତ ଓଡ଼ିଶାରେ ପ୍ରବଳ ବର୍ଷାର ସତର୍କତା ଜାରି ରହିଛି । ଏହି ପ୍ରଣାଳୀ ୨୬ ଜୁଲାଇ ସକାଳ ୮.୩୦ ସମୟରେ ସାଗର ଦ୍ୱୀପ (ପଶ୍ଚିମ ବଙ୍ଗ) ଠାରୁ ପ୍ରାୟ ୧୩୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବ, ଦୀଘା (ପଶ୍ଚିମ ବଙ୍ଗ) ଠାରୁ ୧୪୦ କିଲୋମିଟର ଦକ୍ଷିଣ-ପୂର୍ବ, ଚାନ୍ଦବାଲି (ଓଡ଼ିଶା) ଠାରୁ ୧୭୦ କିଲୋମିଟର ପୂର୍ବ ଏବଂ ବାଲେଶ୍ୱର (ଓଡ଼ିଶା) ଠାରୁ ୧୮୦ କିଲୋମିଟର ପୂର୍ବ-ଦକ୍ଷିଣପୂର୍ବରେ ଥିଲା । "ଏହା ଉତର-ପଶ୍ଚିମ ଦିଗରେ ଗତି କରି ଆଗାମୀ ୨୪ ଘଂଟା ମଧ୍ୟରେ ଗଭୀର ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ଅଧିକ ଏବଂ ୨୭ ଜୁଲାଇ ଅପରାହ୍ନ/ମଧ୍ୟରେ ପାରାଦୀପ ଏବଂ ସାଗର ଦ୍ୱୀପ ମଧ୍ୟରେ ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଅଧିକ" ବୋଲି ଭାରତୀୟ ପାଣିପାଗ ବିଭାଗ ରବିବାର ଦିନ ସୂଚନା ଦେଇଛି । ପାଣିପାଗ ସଂସ୍ଥା ଦୁଇ ଦିନ ଲାଗି ୯ଟି ଜିଲ୍ଲା ପାଇଁ ଲାଲ ସତର୍କତା ଜାରି କରିଛି ।



# ୟୁରୋପର ତିନୋଟି ଦେଶ ଯାତ୍ରା ଶେଷ କରି ସ୍ୱଦେଶ ଫେରିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୟୁରୋପର ତିନି ଦେଶ ଗସ୍ତ ଶେଷ କରି ରବିବାର ଦିନ ଦିଲ୍ଲୀ ଫେରିଛନ୍ତି । ଏହି ସୂଚନା ରାଷ୍ଟ୍ରପତିଙ୍କ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ସେୟାର କରାଯାଇଛି । ତାଙ୍କ ଗସ୍ତର ଉଦ୍ଦେଶ୍ୟ ଥିଲା ଭାରତ ସହିତ ଏହି ଦେଶଗୁଡ଼ିକର ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା । ରାଷ୍ଟ୍ରପତି ୨୦ ଜୁଲାଇରେ ମୋଲଡୋଭାରୁ ତାଙ୍କ ଗସ୍ତ ଆରମ୍ଭ କରିଥିଲେ । ମୋଲଡୋଭାକୁ କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କ ଏହା ପ୍ରଥମ ଗସ୍ତ ଥିଲା । ଏହାପରେ ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୨୧ ଏବଂ ୨୨ ତାରିଖରେ ଉତର ମାସିଡୋନିଆ ଗସ୍ତ କରିଥିଲେ । ରାଷ୍ଟ୍ରପତି ମଧ୍ୟ ଉତର ମାସିଡୋନିଆ ସଂସଦକୁ ସମ୍ବୋଧିତ କରିଥିଲେ ଏବଂ ଭାରତ-ଉତର ମାସିଡୋନିଆ ବ୍ୟବସାୟ ମଂଚର ଉଦଘାଟନୀ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ଗସ୍ତର ଶେଷ ପର୍ଯ୍ୟାୟରେ ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୨୩ ତାରିଖରେ ରୋମାନିଆରେ ପହଂଚିଥିଲେ । ତିନି ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କ



ଏହା ପ୍ରଥମ ରୋମାନିଆ ଗସ୍ତ ଥିଲା । ଏହି ସମୟରେ, ଭାରତ ଏବଂ ରୋମାନିଆ ଆଗାମୀ ତିନି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଥିଲେ । ଦୁଇ ଦେଶ ପ୍ରତିରକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମଧ୍ୟ ଆଲୋଚନା କରିଥିଲେ ।ସ୍ୱଦେଶ ଫେରିବା ପୂର୍ବରୁ ରାଷ୍ଟ୍ରପତି ଶନିବାର ଦିନ ରୋମାନିଆରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟ ଏବଂ ଫ୍ରେଣ୍ଡସ୍ ଅଫ୍ ଇଣ୍ଡିଆ ସଙ୍ଗଠନକୁ ମଧ୍ୟ ଭେଟିଥିଲେ । ଏହି ଗସ୍ତ ସମୟରେ ରାଷ୍ଟ୍ରପତିଙ୍କ ସହ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ରାଷ୍ଟ୍ରମନ୍ତ୍ରୀ ନିମୁବେନ୍ ଜୟନ୍ତୀଭାଇ ବାମ୍ଭାନିଆ, ସାଂସଦ ଦୀନେଶ ଶର୍ମା ଏବଂ ସାଂସଦ ବିଜୟ ବାଘେଲ ଉପସ୍ଥିତ ଥିଲେ ।

# ବିକଶିତ ଭାଇବ୍ରାଂଟ ଗ୍ରାମ କାର୍ଯ୍ୟକ୍ରମ ୨୦୨୬ରେ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିକଶିତ ଭାଇବ୍ରାଂଟ ଗ୍ରାମ କାର୍ଯ୍ୟକ୍ରମ ୨୦୨୬ ର ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କଲେ । ଅବିଶ୍ୱସନୀୟ ଦେଶବ୍ୟାପୀ ଅଂଶଗ୍ରହଣ ଉପରେ ଆଲୋକପାତ କରି, ସେ ଦେଶର ପ୍ରାୟ ଦୁଇ ଶହ ପଚାଶ ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ଉତ୍ସାହୀ ଯୁବ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କଲେ । କିଛି ବର୍ଷ ପୂର୍ବେ 'ମେରା ଯୁବ ଭାରତ - ମୋର ଭାରତ' ପ୍ଲାଟଫର୍ମର ସଫଳ ପ୍ରତିଷ୍ଠା ଉପରେ ପ୍ରତିଫଳିତ କରି, ପ୍ରଧାନମନ୍ତ୍ରୀ କୋଟି କୋଟି ଯୁବ ନାଗରିକଙ୍କୁ ଘେରି ରହିବା ପାଇଁ ଏହାର ବ୍ୟାପକ ପ୍ରସାରକୁ ପ୍ରଶଂସା କରିଥିଲେ । ସାରା ଦେଶରେ ଯୁବ ନେଟୱାର୍କ ଦ୍ୱାରା ସକ୍ରିୟ ଭାବରେ ସମ୍ପାଦିତ ହେଉଥିବା ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟକୁ ପ୍ରଶଂସା କରି, ସେ ବିଶେଷ ଭାବରେ ଭିକ୍ଷିତ ଭାରତ ଆଲୋଚନା ଠାରୁ ଭିକ୍ଷିତ ଭାଇବ୍ରାଂଟ ଗ୍ରାମ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସେମାନଙ୍କର ଉତ୍କୃଷ୍ଟ କ୍ଷମତା ଉଲ୍ଲେଖ କରିଥିଲେ । 'ଆଜି, ମୋ ଭାରତର ଯୁବ ବନ୍ଧୁମାନେ ସମଗ୍ର ଦେଶରେ ଅସାଧାରଣ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି,' ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ଭିକ୍ଷିତ ଭାରତ ଯୁବ ନେତା ଆଲୋଚନା ସମୟରେ ଭୂମିସ୍ତରୀୟ ପଦକ୍ଷେପର ଉତ୍ପତ୍ତିକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଭର୍ଚୁଆଲ୍ ପାରସ୍ପରିକ




କ୍ରିୟାରୁ ଆଗକୁ ବଢ଼ି ତୃଣମୂଳ ସ୍ତରରେ ଦେଶର ବାସ୍ତବତାକୁ ବୁଝିବାକୁ ଉତ୍ସାହିତ କରିବାର ଦୃଷ୍ଟିକୋଣ ବ୍ୟାଖ୍ୟା କରିଥିଲେ । ହିମାଚଳ, ଉତରାଖଣ୍ଡ ଏବଂ ଲଦାଖର ସୀମାନ୍ତ ଗ୍ରାମଗୁଡ଼ିକୁ ଯୁବ ନାଗରିକମାନଙ୍କୁ ପଠାଇବାର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି, ସେ କହିଛନ୍ତି ଯେ ସ୍ଥାନୀୟ ସଂସ୍କୃତିରେ ବୁଡ଼ି ରହିବା ଏବଂ ଏହି ଅଂଚଳଗୁଡ଼ିକୁ ଚଳାଇଥିବା ଗଭୀର ଦେଶପ୍ରେମ ଆକାଂକ୍ଷାକୁ ଦେଖିବା ପାଇଁ ତିନି ଲକ୍ଷ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୪୦୦ ରୁ ଅଧିକ ଯୁବକଙ୍କୁ ଚୟନ କରାଯାଇଥିଲା । 'ଆପଣଙ୍କ ସଂସ୍କୃତିକୁ ସେଠାକାର ସଂସ୍କୃତି ସହିତ ଯୋଡ଼ିବା ହେଉଛି ଏକ ଭାରତ, ଶ୍ରେଷ୍ଠ ଭାରତର ସର୍ବୋତ୍ତମ ଉଦାହରଣ,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ସରକାରୀ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ବ୍ୟାପକ ଯାତ୍ରା ସମୟରେ ସୃଷ୍ଟି ହୋଇଥିବା ସୀମାନ୍ତ ସମ୍ପ୍ରଦାୟ ସହିତ ଗଭୀର ବ୍ୟକ୍ତିଗତ ସମ୍ପର୍କ ବାଂଟି ପ୍ରଧାନମନ୍ତ୍ରୀ ଆଗଧାଡ଼ିରେ ସୈନିକମାନଙ୍କ ସହିତ ଦୀପାବଳି ପାଳନ କରିବାର ଏକ ସ୍ଥାୟୀ ପରମ୍ପରା ଉପରେ ଆଲୋକପାତ କରିଥିଲେ । ବ୍ୟକ୍ତିଗତ ଚମତ୍କାର ଅଭିଜ୍ଞତା ଏବଂ ଫେରି ଆସୁଥିବା ଯୁବକମାନଙ୍କ ଦ୍ୱାରା ସେୟାର କରାଯାଇଥିବା ରୋମାଂଚକର ବିବରଣୀ ମଧ୍ୟରେ ସମାନତା ଆଙ୍କି, ଅପାର ସ୍ଥାନୀୟ ସ୍ନେହ ଦେଖିବାଠାରୁ ଆରମ୍ଭ କରି ସଶସ୍ତ୍ର ବାହିନୀର ଅବିଶ୍ୱସନୀୟ ସାହସ ପର୍ଯ୍ୟନ୍ତ, ସେ କାରଗିଲ ବିଜୟ ଦିବସ ଅବସରରେ ସୈନିକମାନଙ୍କ ଦ୍ୱାରା ଦିଆଯାଇଥିବା ବିଶାଳ ବଳିଦାନକୁ ମଧ୍ୟ ସମ୍ମାନିତ କରିଥିଲେ । 'ସର୍ବାଧିକ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ସାହସୀମାନେ ବିଜୟର ପତାକା ଉତୋଳନ କରିଥିଲେ, ଏବଂ ଭିକ୍ସିଟ୍ ଭାଇବ୍ରାଂଟ ଗ୍ରାମର ଏହି ସମ୍ପୂର୍ଣ୍ଣ ଅଭିଜ୍ଞତା ପ୍ରକୃତରେ ଚମତ୍କାର ହୋଇଛି,' ଶ୍ରୀ ମୋଦୀ ମତବ୍ୟକ୍ତ କରିଥିଲେ । ବିକଶିତ ୟ ଭାରତ ଗଠନ ପାଇଁ ବିକଶିତ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ଭିତିଭୂମି ଭାବରେ ସ୍ଥାନିତ କରି, ପ୍ରଧାନମନ୍ତ୍ରୀ ଏହି ପରିବର୍ତ୍ତନକାରୀ ଯାତ୍ରାର ନିରନ୍ତର ଏବଂ ବିସ୍ତୃତ ପ୍ରକୃତି ଉପରେ ଗୁରୁତ୍ୱାରୋପ କରିଥିଲେ । ଯୁବ ପିଢ଼ିର ସକ୍ରିୟ, ତୃଣମୂଳ ସ୍ତରରେ ସମ୍ପୃକ୍ତି କେବଳ ଜାତୀୟ ଦୃଷ୍ଟିକୋଣକୁ ବ୍ୟାପକ କରେ ନାହିଁ ବରଂ ଦେଶର ପ୍ରଗତିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ସେମାନଙ୍କର ବ୍ୟକ୍ତିଗତ ସଂକଳ୍ପକୁ ଗଭୀର ଭାବରେ ସୁଦୃଢ଼ କରେ ବୋଲି ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଏହି ସଂଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । 'ଯେତେବେଳେ ଦେଶର ଯୁବପିଢ଼ି ଭୂମି ସହିତ ସକ୍ରିୟ ଭାବରେ ସଂଯୋଗ କରନ୍ତି, ସେମାନେ ଏକ ବୀକ୍ଷିତ ଭାରତର ପ୍ରମୁଖ ଦୃଷ୍ଟିକୋଣକୁ ଆହୁରି ବ୍ୟାପକ କରନ୍ତି,' ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସୀମାନ୍ତ ଅଂଚଳଗୁଡ଼ିକରେ ଜୀବନର ଅନ୍ତର୍ନିହିତ ଚରମ କଷ୍ଟକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ ସ୍ଥାନୀୟ ବାସିନ୍ଦାଙ୍କୁ ସେମାନଙ୍କର କଷ୍ଟକର ପରିସ୍ଥିତି ସତ୍ତ୍ୱେ ପ୍ରତ୍ୟେକ ମୁହୂର୍ତରେ ଦେଶପ୍ରେମରେ ବଂଚିବା ଏବଂ ନିଶ୍ୱାସ ନେବା ପାଇଁ ପ୍ରଶଂସା କରିଥିଲେ । ରାସ୍ତା, ବିଦ୍ୟୁତ୍ ଏବଂ ହସ୍ପିଟାଲ ଭଳି ମୌଳିକ ସୁବିଧାରୁ ସମ୍ପୂର୍ଣ୍ଣ ବିହୀନ ଏହି ଅଂଚଳଗୁଡ଼ିକୁ 'ଶେଷ ଗ୍ରାମ' ଭାବରେ ପରିତ୍ୟାଗ କରିଥିବା ଅତୀତର ପ୍ରଶାସନିକ ଅବହେଳାର ନିନ୍ଦା କରି, ସେ ସ୍ଥାନୀୟ ଜନସଂଖ୍ୟା ଦ୍ୱାରା ବଜାୟ ରହିଥିବା ଅଖଣ୍ଡ ଜାତୀୟତାବାଦୀ ମନୋଭାବ ପାଇଁ ଅତ୍ୟନ୍ତ ଗର୍ବ ପ୍ରକାଶ କରିଥିଲେ । 'ଆମେ ଅତ୍ୟନ୍ତ ଗର୍ବିତ ହେବା ଉଚିତ ଯେ ଏତେ ଗୁରୁତର ପରିସ୍ଥିତିରେ ମଧ୍ୟ ସୀମାନ୍ତ ଗ୍ରାମଗୁଡ଼ିକର ଲୋକଙ୍କ ଦେଶପ୍ରେମ କେବେ ଦୁର୍ବଳ ହୋଇନାହିଁ,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ସରକାରଙ୍କ ରଣନୈତିକ ଆଭିମୁଖ୍ୟରେ ଏକ ଆଦର୍ଶ ପରିବର୍ତନ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ସୀମାନ୍ତ ବସତିଗୁଡ଼ିକର 'ଶେଷ' ଗ୍ରାମରୁ 'ପ୍ରଥମ ଗ୍ରାମ' ପର୍ଯ୍ୟନ୍ତ ଆନୁଷ୍ଠାନିକ ପୁନଃନିର୍ମାଣ ପାଳନ କରିଥିଲେ, ଯେଉଁଠାରେ ସକାଳର ପ୍ରଥମ କିରଣ ଏବଂ ତ୍ରିରଙ୍ଗା ପ୍ରଥମେ ଦେଶକୁ ସ୍ୱାଗତ କରେ ।

# ପରୀକ୍ଷା ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ପରୀକ୍ଷା ସଂସ୍କାର ପାଇଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନକୁ ସ୍ୱାଗତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ବାର୍ତାରେ କହିଛନ୍ତି ଯେ, ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି । ସେ କହିଛନ୍ତି ଯେ, ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ପରୀକ୍ଷା ପ୍ରଣାଳୀରେ ମେରିଟ୍, ପାରଦର୍ଶିତା ଓ ନିଷ୍ପକ୍ଷତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ପଦକ୍ଷେପ ଦେଶର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ଆହୁରି ମଜବୁତ କରିବା ସହିତ ଏକ ସୁରକ୍ଷିତ, ପାରଦର୍ଶୀ ଓ ଭବିଷ୍ୟତମୁଖୀ ଶିକ୍ଷା ପ୍ରଣାଳୀ ଗଠନରେ ସାହାଯ୍ୟ କରିବ । ସେ କହିଛନ୍ତି ଯେ, ଏହା "ବିକଶିତ ଭାରତ" ଦୃଷ୍ଟିକୋଣକୁ ଆଗେଇ ନେବାରେ ମଧ୍ୟ ମୁଖ୍ୟ ଭୂମିକା ନେବ । ଏହି ପଦକ୍ଷେପ ଦ୍ୱାରା ଦେଶର ପରୀକ୍ଷା ପ୍ରଣାଳୀ ଆହୁରି ସୁଦୃଢ଼ ଓ ବିଶ୍ୱସନୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ଶସ୍ତା ହେଲା ଅଣ୍ଡା ଦର

ଭୁବନେଶ୍ୱର : ଅଣ୍ଡା ପ୍ରେମୀଙ୍କୁ ଆଶ୍ୱସ୍ତି । ରବିବାର ୟୁନିଟ୍-୪



ବଜାରରେ ଅଣ୍ଡା ଦର ଦେଢ଼ଟଙ୍କା କମିଛି । ନୂଆ ଦର ଅନୁସାରେ ୭.୫୦ରେ ଅଣ୍ଡା ବିକ୍ରି ହେଉଥିଲା । କେହି କେହି ୮ଟଙ୍କାରେ ବିକ୍ରି କରୁଥିଲେ । ହେଲେ ରାଜଧାନୀର ଅନ୍ୟ ବଜାର, ଛକରେ ଦର ସେହି ୯ଟଙ୍କା ଥିଲା । ଯେତେବେଳେ ହାଟ ବିଷୟରେ ଖବର ମିଳିଲା, ବେପାରୀମାନେ ଧାଇଁଥିଲେ । ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ କାଉଁଟିରରେ ବେପାରୀଙ୍କ ଭିଡ ଜମିଥିବାର ଦେଖିବାକୁ ମିଳିଥିଲା । ଆଶା କରାଯାଉଛି, ଆଜିଠୁ ଦର କମିପାରେ । ନିଖିଳ ଉତ୍କଳ ଆମିଷ ବ୍ୟବସାୟୀ ସଂଘର ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ଆଜି କାର୍ଟୁନ ପିଛା ୨୦୦ ଟଙ୍କା କମିଛି । ନୂଆ ଦର ଅନୁସାରେ ୧୪୦୦ ଟଙ୍କା ପଡୁଛି । ହେଲେ ଏବେ ବି ବେପାରୀମାନେ ପୁରୁଣା ଦର ଦେଖାଇ ୧୪୬୦ରୁ ୧୪୮୦ ଟଙ୍କାରେ ବିକୁଛନ୍ତି । ଯାହା ଦ୍ୱାରା ଖୁଚୁରା ବଜାରରେ ଦର ଅଧିକ ରହିଛି । ସେପଟେ ବଜାରରେ ମହଙ୍ଗା ହେବାକୁ ବସିଲାଣି ପାଉଁରୁଟି । ସାଧାରଣ ଲୋକଙ୍କ ଖାଦ୍ୟ ଭାବରେ ପରିଚିତ ପାଉଁରୁଟିର ଦର ଗତ ମାସକ ମଧ୍ୟରେ ଧୀରେଧୀରେ କରି ୫ଟଙ୍କା ବଢ଼ିସାରିଲାଣି । ୨୦ଟଙ୍କିଆ ପ୍ୟାକେଟ୍ ଏବେ ୨୫ ଟଙ୍କା ଓ ୪୦ ଟଙ୍କିଆ ବ୍ରାଉନ ବ୍ରେଡ୍ ୪୫ଟଙ୍କାରେ ବିକ୍ରି ହେଲାଣି । ଏହାର କାରଣ ଦେଶରେ ଗହମ ଉତ୍ପାଦନ ପ୍ରଭାବିତ । ଚିନି ଦର ବଢିବା ମଧ୍ୟ ଦାୟୀ । ଆଗକୁ ବି ପାଉଁରୁଟି ଦର ବଢ଼ିଚାଲିବ ବୋଲି ବେପାରମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଭାରତୀୟ ଭାରୋତୋଳନରେ ମୀରାବାଇ ଚାନୁଙ୍କୁ ସ୍ୱର୍ଣ୍ଣପଦକ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ଭାରତୀୟ ଭାରୋତୋଳନରେ ମୀରାବାଇ ଚାନୁ ସ୍ୱର୍ଣ୍ଣପଦକ ଜିତିଥିବାରୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ । ସେ କହିଛନ୍ତି ଯେ, ପ୍ରତିଭାଶାଳୀ ମୀରାବାଇ ଚାନୁ ପୁଣି ଥରେ ରାଜ୍ୟଗୋଷ୍ଠୀ କ୍ରୀଡାରେ ୪୮ କିଲୋଗ୍ରାମ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଲଗାତାର ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ଏବଂ ତାଙ୍କ ନାମରେ ଚତୁର୍ଥ CWG ପଦକ ସହିତ, ସେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣା ହୋଇ ରହିଛନ୍ତି ।

# ବିଶ୍ୱ ଜୁନିୟର ସ୍କ୍ୱାସ୍ ଚାମ୍ପିଅନସିପ୍ ଜିତିବାରେ ପ୍ରଥମ ଭାରତୀୟ ହେଲେ ଅନାହତ ସିଂହ

ନୂଆଦିଲ୍ଲୀ: ଭାରତୀୟ ସ୍କ୍ୱାସ୍ ଇତିହାସରେ ଏକ ନୂଆ ଅଧ୍ୟାୟ



ଯୋଡ଼ିଛନ୍ତି ୧୮ ବର୍ଷୀୟା ଷ୍ଟାର ଖେଳାଳି ଅନାହତ ସିଂହ । କାନାଡାର ନିଆଗ୍ରା-ଅନ-ଦ-ଲେକ୍‌ଠାରେ ଆୟୋଜିତ ବିଶ୍ୱ ଜୁନିୟର ସ୍କ୍ୱାସ୍ ଚାମ୍ପିଅନଶିପର ମହିଳା ସିଙ୍ଗଲ୍ସ ଫାଇନାଲରେ ଇଜିପ୍ଟର ରୁକାୟା ସାଲେମଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ସେ ଚାମ୍ପିଅନ ହୋଇଛନ୍ତି । ଏହା ସହିତ ସେ ବିଶ୍ୱ ଜୁନିୟର ସ୍କ୍ୱାସ୍ ଚାମ୍ପିଅନଶିପ୍ ଜିତିବାରେ ପ୍ରଥମ ଭାରତୀୟ ଖେଳାଳି ଭାବେ ଇତିହାସ ସୃଷ୍ଟି କରିଛନ୍ତି । ଟପ୍ ସିଡ୍ ଭାବେ ଟୁର୍ଣ୍ଣାମେଂଟ ଖେଳୁଥିବା ଅନାହତ ଫାଇନାଲରେ ଦ୍ୱିତୀୟ ସିଡ୍ ଇଜିପ୍ଟର ରୁକାୟା ସାଲେମ୍‌ଙ୍କୁ ୧୧-୩, ୧୧-୭, ୧୧-୯ ଗେମ୍‌ରେ ପରାସ୍ତ କରି କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ ଜିତିଛନ୍ତି । ସମଗ୍ର ଫାଇନାଲରେ ସେ ଗୋଟିଏ ମଧ୍ୟ ଗେମ୍ ହାରିନଥିଲେ । ଅନାହତଙ୍କ ଏହି ବିଜୟ କେବଳ ଭାରତ ପାଇଁ ନୁହେଁ, ବିଶ୍ୱ ସ୍କ୍ୱାସ୍ ପାଇଁ ମଧ୍ୟ ଐତିହାସିକ । ୨୦୧୦ରେ ଆମେରିକାର ଅମାଣ୍ଡା ସୋଭି ଟାଇଟଲ ଜିତିବା ପରେ ପ୍ରଥମ ଥର ପାଇଁ କୌଣସି ଅଣ-ଇଜିପ୍ଟୀୟ ଖେଳାଳି ଏହି ଚାମ୍ପିଅନଶିପ୍ ଜିତିଛନ୍ତି । ଏହା ସହ ଇଜିପ୍ଟର ଲଗାତାର ୧୫ ବର୍ଷର ଦବଦବା ମଧ୍ୟ ଶେଷ ହୋଇଛି । ଭାରତ ପାଇଁ ଏହି ସଫଳତା ଆହୁରି ସ୍ୱତନ୍ତ୍ର । ୨୦୦୫ରେ ଜୋଶନା ଚିନାପ୍ପା ବିଶ୍ୱ ଜୁନିୟର ଚାମ୍ପିଅନଶିପ୍ ?ରେ ରନର୍ସଅପ୍ ହୋଇଥିଲେ । କିନ୍ତୁ ଏହାପରେ କୌଣସି ଭାରତୀୟ ଫାଇନାଲ ଜିତିପାରିନଥିଲେ । ଏବେ ଅନାହତ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଚଳିତ ସପ୍ତାହରେ ଅନାହତ ଫାଇନାଲକୁ ପହଁ ୨୧ ବର୍ଷର ଅପେକ୍ଷା ଶେଷ କରିଥିଲେ । ପରେ ଫାଇନାଲରେ ବିଜୟୀ ହୋଇ ନୂଆ ଇତିହାସ ଲେଖିଛନ୍ତି । ସମଗ୍ର ଟୁର୍ଣ୍ଣାମେଂଟରେ ତାଙ୍କର ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା ।

# ତୃତୀୟ ଟି-୨୦ : ଜିମ୍ବାୱେକୁ ହରାଇଲା ଭାରତ



ହରାରେ: ତୃତୀୟ ତଥା ଅନ୍ତିମ ଟି୨୦ ସହିତ ଜିମ୍ବାୱେ ବିପକ୍ଷରେ ଭାରତ ଶୃଙ୍ଖଳା ମୂଳପୋଛ କରିଛି । ଭାରତ ପ୍ରଥମ ମ୍ୟାଚ୍‌କୁ ୭ୱିକେଟ୍ ଏବଂ ଦ୍ୱିତୀୟ ମୁକାବିଲାରେ ୯୦ରନ୍‌ରେ ବିଜୟ ହାସଲ କରିଥିଲା । ତୃତୀୟ ମ୍ୟାଚ୍‌ରେ ୩୫ ରନ୍‌ରେ ବିଜୟୀ ହୋଇଛି । ହରାରେ ସ୍ପୋର୍ଟସ କ୍ଲବରେ ରବିବାର ଟି୨୦ ଶୃଙ୍ଖଳାର ତୃତୀୟ ମୁକାବିଲାରେ ଭାରତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି । ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୭ଟି ୱିକେଟ୍ କରି ୧୫୭ ରନ୍ କରିପାରିଛି । ଜିମ୍ବାୱେ ପାଇଁ ରାୟନ ବୁର୍ଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ଅର୍ଦ୍ଧଶତକ ହାସଲ କରିଥିଲେ । ୱେସଲି ମାଧେବୀରା ୨୮ ରନ୍ ବେନ୍ କୁରାନ ୨୦ ରନ୍ ଏବଂ ବ୍ରିନ ମେୟର୍ସ ୧୯ ରନ୍ କରିଥିଲେ । ଅନ୍ୟ ବ୍ୟାଟରମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । ମୟଙ୍କ ଅଗ୍ରୱାଲ ଏବଂ ଯଶ ଠାକୁର ୨ଟି ଲେଖାଏଁ ଅକ୍ତିଆର କରିଥିଲେ । ଅଶୋକ ଶର୍ମା ଏବଂ ରବି ବିଷ୍ଣୋୟୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**